RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -180 ସଂଖ୍ୟା-୧୮୦
ଭୁବନେଶ୍ୱର, ଗୁରୁବାର ୦୧ ଅକ୍ଟୋବର ୨୦୨୬
Bhubaneswar, Thursday 01 October, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ନିର୍ବାଚନ କମିଶନଙ୍କ ବିରୋଧରେ ବିରୋଧୀଙ୍କ ବଡ଼ ଲଢେଇ

ନୂଆଦିଲ୍ଲୀ,୩୦।୯(ଏଜେନସି): ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନ କରୁଥିବା ଏସ୍‌ଆଇଆରକୁ ନେଇ ବିବାଦ ଭିତରେ ଏକାଠି ହୋଇଛନ୍ତି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ। ଆଜି କଂଗ୍ରେସ ଅଧ୍ୟକ୍ଷତାରେ ଦିଲ୍ଲୀରେ ବସିଥିବା ଇଣ୍ଡିଆ ବ୍ଲକରେ ସବୁ ଦଳ ଗୋଟିଏ ସ୍ୱରରେ ନିର୍ବାଚନ କମିଶନଙ୍କ ବିରୋଧରେ ଗର୍ଜିଛନ୍ତି। ଏଥିସହ ନିର୍ବାଚନ କମିଶନ ବିରୋଧରେ ଏକାଠି ଲଢେଇ କରି ଗଣତନ୍ତ୍ରର ସୁରକ୍ଷା ପାଇଁ ପଣ କରିଛନ୍ତି।

ଆସନ୍ତା ୨ ତାରିଖରୁ ବିରୋଧୀ ମେଣ୍ଟ ପକ୍ଷରୁ ପୂରା ଦେଶରେ ଆରମ୍ଭ ହେବ ଗଣତନ୍ତ୍ର ବଞ୍ଚାଅ ଶୋଭାଯାତ୍ରା। ସେହିପରି ଅକ୍ଟୋବର ୬ରେ ଅଣ ବିଜେପି ଦଳର ସମସ୍ତ ସାଂସଦ ଏକାଠି ନିର୍ବାଚନ କମିଶନ ଅଭିମୁଖେ ଶୋଭାଯାତ୍ରା କରିବେ।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କମିଶନରେ ନିଜର ଏକଚାଟିଆ ନୀତି ଆପଣାଉଥିବା ଅଭିଯୋଗ କରି ବିରୋଧୀ ମେଣ୍ଟ ଏପରି ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଗତ ସପ୍ତାହରେ ଇଣ୍ଡିଆନ ଏକ୍ସପ୍ରେସ ନିର୍ବାଚନ କମିଶନରେ ଥିବା ମତଭେଦ ସମ୍ପର୍କରେ ରିପୋର୍ଟ ପ୍ରକାଶ କରିଥିଲା। ଜ୍ଞାନେଶ କୁମାର ନିଜ ଇଚ୍ଛାରେ ସବୁ କିଛି ନିଷ୍ପତ୍ତି ନେଉଥିବା ମଧ୍ୟ ରିପୋର୍ଟରେ ଦାବି କରାଯାଇଥିଲା। ବାସ ଏହି ରିପୋର୍ଟ ପରେ ଜ୍ଞାନେଶ କୁମାର ଓ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ବିରୋଧୀ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ଅକ୍ଟୋବର ୨ ସପ୍ତାହରେ ଇଣ୍ଡିଆ ବ୍ଲକ ରାଷ୍ଟ୍ରପତିଙ୍କୁ ସମୟ ମାଗି ପ୍ରତିଷ୍ଠାନଗୁଡିକୁ କେମିତି ଦଖଲ କରାଯାଉଛି, ସେ ବାବଦରେ ଅବଗତ କରାଯିବ।

ସେ କହିଛନ୍ତି, "ଇଣ୍ଡିଆ ବ୍ଲକର ସଦସ୍ୟମାନେ




ଅକ୍ଟୋବର ୨ରୁ ୮ ତାରିଖ ଯାଏ ଜିଲ୍ଲାମାନଙ୍କ ଅଫିସ ଆଗରେ ବିକ୍ଷୋଭ କରିବେ। ଅକ୍ଟୋବର ୬ରେ ସମସ୍ତ ବିରୋଧୀ ଦଳର ସାଂସଦମାନେ ନିର୍ବାଚନ କମିଶନ ଅଭିମୁଖେ ଶୋଭାଯାତ୍ରା କରିବେ।"

ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କହିବା କଥା ଯେ ବିଜେପି ଓ ନିର୍ବାଚନ କମିଶନଙ୍କ ବିରୋଧରେ ବିରୋଧୀ ଏକାଠି ହେବା ଦରକାର। ଭାରତୀୟ ସମ୍ବିଧାନର ସାମୂହିକ ରକ୍ଷାକାରୀ ହେଉଛନ୍ତି ସମସ୍ତ ବିରୋଧୀ। ବିରୋଧୀ ଦେଶରେ ପରିବର୍ତ୍ତନ ଆଣିପାରିବେ ବୋଲି ରାହୁଲ ଗାନ୍ଧି କହିବାକୁ ପଛାଇ ନାହାନ୍ତି।

ଦିଲ୍ଲୀରେ ଇଣ୍ଡିଆ ବ୍ଲକର ବୈଠକ ପରେ ଆୟୋଜିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ମେଣ୍ଟ ପକ୍ଷରୁ ଅକ୍ଟୋବର ୨ରୁ ସେଭ ଡେମୋକ୍ରାସୀ ବା ଗଣତନ୍ତ୍ର ବଞ୍ଚାଅ ଆନ୍‌ଦୋଳନ ଆରମ୍ଭ ହେବ ବୋଲି ଘୋଷଣା କରାଯାଇଛି। ଏହା ୮ ତାରିଖ ଯାଏ ଚାଲିବ।

ଏହାବାଦ ବିରୋଧୀ ଦଳ ଗୁଡିକ ଏସ୍‌ଆଇଆର ସହ ସମସ୍ତ ମାମଲା ଓ ଅନ୍ୟ ନିର୍ବାଚନ ଅନିୟମିତତା ପ୍ରସଙ୍ଗକୁ ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଇବ। ପୂରା ଦେଶରେ ଭୋଟ ଚୋରି ପ୍ରସଙ୍ଗ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଅକ୍ଟୋବର ଓ ନଭେମ୍ବର ମାସରେ ୫ଟି ବଡ ରାଲି କରିବ ବୋଲି ନିଷ୍ପତ୍ତି ହୋଇଛି।

ଖଡଗେ ଅଭିଯୋଗ କରିଛନ୍ତି ଯେ ନିର୍ବାଚନ କମିଶନରେ ଥିବା ୩ ଜଣଙ୍କୁ ସଖୀ ଖଣ୍ଡେଇ ଭଳି ବ୍ୟବହାର କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସେମାନଙ୍କୁ ନିଜ ଇସାରାରେ ପରିଚାଳନା କରୁଛନ୍ତି। ଖଡଗେ ବିରୋଧୀ ମେଣ୍ଟର ଆଗାମୀ ଯୋଜନା ସମ୍ପର୍କରେ ଘୋଷଣା କରିବା ପରେ ରାହୁଲ ଗାନ୍ଧି କହିଛନ୍ତି ଯେ "ଗଣତନ୍ତ୍ରକୁ ଧ୍ୱଂସ କରିଥିବା ଲୋକଙ୍କୁ କେମିତି ଦଣ୍ଡ ମିଳିବ, ସେକଥା ଆମେ ନିଶ୍ଚିତ କରିବୁ।ଏନେଇ ଇଣ୍ଡିଆ ବ୍ଲକର ସମସ୍ତ ସଦସ୍ୟମାନେ ବ୍ୟକ୍ତିଗତ ଭାବେ ପ୍ରତିଜ୍ଞା କରିଛନ୍ତି। ଏହି ଲଇ କାହାର ରାଜନୀତିକ କ୍ୟାରିୟର ଠାରୁ ଆହୁରି ବଡ। ସେମାନେ ଯେତେ ବଡ ହୁଅନ୍ତୁ, ଯେଉଁ ପଦରେ ରୁହନ୍ତୁ, କିନ୍ତୁ ଏହି ଦେଶର ସମସ୍ତଙ୍କ ଠାରୁ ବଡ ହେଉଛି ଭାରତୀୟ ଗଣତନ୍ତ୍ର। ନିର୍ବାଚନ ଚୋରି ହୋଇଥିବା କଥାକୁ ବିରୋଧୀ ଠିକ ଭାବେ ଲୋକଙ୍କ ପାଖରେ ପହଞ୍ଚାଇ ସାରିଛନ୍ତି। ଏବେ ଯୁବଗୋଷ୍ଠୀ ସବୁ ବୁଝି ସାରିଛନ୍ତ।" ମମତା ଏହି ସମୟରେ ସିଧାସଳଖ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିଥିଲେ ଓ ଜ୍ଞାନେଶ କୁମାରଙ୍କ ତତ୍କାଳ ଇସ୍ତଫା ମାଗିଛନ୍ତି। ଯଦି ଜ୍ଞାନେଶ କୁମାର ଇସ୍ତଫା ନ ଦେବେ, ତା'ହେଲେ ଆନ୍‌ଦୋଳନ ଆହୁରି ଜୋରଦାର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ତାଙ୍କ କହିବା କଥା ଯେ ଇଣ୍ଡିଆ ବ୍ଲକ ଭୋଟ ଚୋରିର ସବୁଠାରୁ ବଡ ସ୍କାମ ବିରୋଧରେ ଦୃ ଭାବେ ଏକାଠି ଛିଡା ହୋଇଛି।

## ଓଡ଼ିଶା ଛାଡ଼ିବ ମୌସୁମୀ

ଭୁବନେଶ୍ୱର,୩୦।୯(ନି.ପ୍ର.): : ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ଦୁର୍ବଳ ରହିଛି। ସେପ୍ଟେମ୍ବର ୩୦ରେ ମୌସୁମୀ ଋତୁ ଶେଷ ହେଉଥିବା ବେଳେ ଓଡ଼ିଶାରୁ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ ହେଉଛି। ପାଣିପାଗ ବିଶେଷଜ୍ଞଙ୍କ ମତରେ, ଅକ୍ଟୋବର ପ୍ରଥମ ସପ୍ତାହ ଶେଷ ସୁଦ୍ଧା କିମ୍ବା ଦ୍ୱିତୀୟ ସପ୍ତାହ ଆରମ୍ଭରୁ ରାଜ୍ୟରୁ ମୌସୁମୀ ବିଦାୟ ନେଇପାରେ।

ଅନ୍ୟପଟେ, ମୌସୁମି ଦୁର୍ବଳ ଥିଲେ ମଧ୍ୟ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟାରେ ଓଡ଼ିଶାରେ ହାରାହାରି ୧.୧ ମି.ମି. ବର୍ଷା ରେକର୍ଡ ହୋଇଛି। କଟକ ଜିଲ୍ଲାର ବାଙ୍କୀ-ଡମପଡ଼ା ବ୍ଲକ୍‌ରେ ସର୍ବାଧିକ ୪୫ ମି.ମି. ବର୍ଷା ହୋଇଛି। ସେହିପରି ୧୨ଟି ବ୍ଲକ୍‌ରେ ୧୦ ମି.ମି.ରୁ ଅଧିକ ବର୍ଷା ରେକର୍ଡ ହୋଇଛି।

ଜିଲ୍ଲାସ୍ତରୀୟ ହାରାହାରି ବର୍ଷାକୁ ଦେଖିଲେ, କଟକରେ ୯.୫ ମି.ମି., ପୁରୀରେ ୬.୩ ମି.ମି., ଗଜପତିରେ ୪.୯ ମି.ମି., ଖୋର୍ଦ୍ଧାରେ ୨.୯ ମି.ମି., ଢେଙ୍କାନାଳରେ ୨.୫ ମି.ମି., କୋରାପୁଟରେ ୨.୪ ମି.ମି. ଏବଂ ମାଲକାନଗିରିରେ ୧.୯ ମି.ମି. ବର୍ଷା ହୋଇଛି।

ସେପ୍ଟେମ୍ବର ୧ରୁ ୨୯ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୩୧୬.୨ ମି.ମି. ବର୍ଷା ରେକର୍ଡ ହୋଇଛି। ଏହି ସମୟର ସ୍ୱାଭାବିକ ହାରାହାରି ବର୍ଷା ୨୩୩.୪ ମି.ମି. ତୁଳନାରେ ଏହା ୩୫.୫ ପ୍ରତିଶତ ଅଧିକ ବୋଲି ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଏପଟେ ଆସନ୍ତା ୨୪ ଘଣ୍ଟା ପାଇଁ ରାଜ୍ୟର ୧୪ଟି ଜିଲ୍ଲାକୁ ୟେଲୋଓ୍ୱାର୍ଣ୍ଣିଂ ଜାରି ହୋଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ର କିଛି ଅଞ୍ଚଳରେ ବିଜୁଳି-ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ତେଣୁ ମୌସୁମୀ ବିଦାୟ ପାଇଁ ପାଗ ଅନୁକୂଳ ହେଉଥିବା ବେଳେ ଆଗାମୀ ୨୪ ଘଣ୍ଟାରେ କିଛି ଅଞ୍ଚଳରେ ବର୍ଷା ଓ ଘଡ଼ଘଡ଼ି ନେଇ ସତର୍କ କରାଯାଇଛି।

## ୬ ବର୍ଷ ପରେ ଖୋଲିଲା ଗୁଣ୍ଡିଚା ମନ୍ଦିର

ପୁରୀ,୩୦।୯(ନି.ପ୍ର.): ଦୀର୍ଘ ୬ ବର୍ଷ ପରେ ଭକ୍ତଙ୍କ ପାଇଁ ଖୋଲିଛି ପୁରୀ ଗୁଣ୍ଡିଚା ମନ୍ଦିର। ଭକ୍ତମାନେ ଆଜିଠାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଜନ୍ମ ବେଦୀ, ଯଜ୍ଞ ବେଦୀ ଓ ଆଡ଼ପ ମଣ୍ଡପ ଦର୍ଶନ କରୁଛନ୍ତି ।

ପୂଜାର୍ଚ୍ଚନା ପରେ ଆଜି ସକାଳ ୭ଟା ୪୫ରେ ଖୋଲିଥିଲା ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୁରୀ ଏସ୍‌ପି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ଖୋଲା ଯାଇଥିଲା।



ଉପସ୍ଥିତ ଭକ୍ତଙ୍କ ସହିତ ସେମାନେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିଥିଲେ। ଗୁଣ୍ଡିଚା ମନ୍ଦିର ପରିସରରେ ଆଡପ ମଣ୍ଡପ, ତିନି ରଥ- ତାଳଧ୍ୱଜ ରଥ, ନନ୍ଦିଘୋଷ ରଥ ଓ ଦର୍ପଦଳନ ରଥର ଚକ ଓ କଣଗୁଜ, ଅଶୁଆରୀ, ପ୍ରଭା ଆଦି ଦେଖିବାର ସୁଯୋଗ ନେଇଥିଲେ ଭକ୍ତମାନେ। ୬ ବର୍ଷ ପରେ ପୁଣି ଥରେ ଗୁଣ୍ଡିଚା ମନ୍ଦିର ଭିତରେ ପ୍ରବେଶ କରି ବେଶ୍ ଆନନ୍ଦିତ ହୋଇଛନ୍ତି ଭକ୍ତମାନେ। କରୋନା ସମୟରୁ ଗୁଣ୍ଡିଚା ମନ୍ଦିର ପ୍ରବେଶ ଉପରେ ଲାଗିଥିଲା କଟକଣା। ନାଟମଣ୍ଡପ ମରାମତି, ମନ୍ଦିର ଭିତରର ଚଟାଣ, ରାମ୍ପ ବ୍ୟବସ୍ଥା, ଆନନ୍ଦ ବଜାର, ରୋଷ ଶାଳା ମରାମତି କାମ ଚାଲିଥିଲା। ତେଣୁ ଭିତରକୁ ଭକ୍ତଙ୍କ ପ୍ରବେଶ ଉପରେ ରୋକ୍ ଲାଗିଥିଲା। ତେଣୁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଶ୍ରୀଜିଉଙ୍କ ଜନ୍ମମାଟିକୁ ନଦେଖିପାରି ଦୁଃଖ ପ୍ରକାଶ କରୁଥିଲେ। କିନ୍ତୁ ଆଜିଠାରୁ ଏହା ଭକ୍ତଙ୍କ ପାଇଁ ଖୋଲାଯାଇଛି।

ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଅନୁସାରେ ପ୍ରଥମ ତିନି ଦିନ ଭକ୍ତମାନଙ୍କୁ ମାଗଣାରେ ଗୁଣ୍ଡିଚା ମନ୍ଦିର ଭିତରକୁ ଛଡ଼ାଯିବ। ତା'ପରଠାରୁ ଭକ୍ତମାନେ ୧୦ ଟଙ୍କା ପ୍ରବେଶ ଶୁଳ୍କ ଦେବେ। କିନ୍ତୁ ଦିବ୍ୟାଙ୍ଗ, ଶିଶୁ ଓ ୮୦ ବର୍ଷରୁ ଅଧିକ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ପ୍ରବେଶ ଶୁଳ୍କ ଦେବାକୁ ପଡିବ ନାହିଁ। ସେମାନେ ମାଗଣାରେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିପାରିବେ। ଶ୍ରଦ୍ଧାଳୁଙ୍କ ଜୋତା ଓ ମୋବାଇଲ୍ ଫୋନ୍ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଶ୍ରଦ୍ଧାଳୁମାନଙ୍କୁ କୌଣସି ଦେୟ ଦେବାକୁ ପଡିବ ନାହିଁ। କୁହାଯାଏ ଗୁଣ୍ଡିଚା ମନ୍ଦିରରେ ବାବେନା ଭୂତ ରହେ। ଏବେ ଆଉ ବାବେନା ଭୂତ ରହିବେନି ବୋଲି କହିଛନ୍ତି ଭକ୍ତ। ଆଗକୁ ଗୁଣ୍ଡିଚା ମନ୍ଦିରରେ ଲାଇଟ୍ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା କରାଯିବ। ଏହାର ପରିକଳ୍ପନା କରାଯାଇସାରିଲାଣି।

## ମାନସିକ ରୋଗୀଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ

କଟକ,୩୦।୯(ନି.ପ୍ର.): କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ମାନସିକ ରୋଗ ବିଭାଗରେ ଜଣେ ରୋଗୀଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଛି। ମୃତକଙ୍କ ନାଁ ଶ୍ରୀକାନ୍ତ ଦାସ। ତାଙ୍କ ଘର ଯାଜପୁର ଜିଲ୍ଲାରେ।

ଶ୍ରୀକାନ୍ତଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନଥିଲା। ତେଣୁ ସେ ଚିନ୍ତିତ ରହୁଥିଲେ। ବର୍ଷେ ହେଲାଣି ସେ ମଦ ପିଉଥିଲେ। ମଝିରେ ମଝିରେ ସେ ବାଉଳିଚାଉଳି ହେଉଥିଲେ। ଧୀରେ ଧୀରେ ଏହା ବଢ଼ିଥିଲା। ତାଙ୍କ ମାନସିକ ଅବସ୍ଥା ଭଲ ରହୁନଥିବାରୁ ପଡ଼ୋଶୀଙ୍କ ପରାମର୍ଶକ୍ରମେ ପରିବାର ଲୋକେ ତାଙ୍କୁ ସୋମବାର କଟକ ବଡ ଡାକ୍ତରଖାନାର ମାନସିକ ରୋଗ ବିଭାଗକୁ ଆଣିଥିଲେ। ତାଙ୍କୁ ସେଠାରେ ଆଡ୍‌ମିଟ୍ କରାଯାଇଥିଲା। ଗତକାଲି ରାତି ୯ଟା ପର୍ଯ୍ୟନ୍ତ ସବୁ ଠିକ୍ ଥିଲା। କିନ୍ତୁ ରାତିରେ ହଠାତ୍ ସେ ଘରକୁ ପଳାଇବେ ବୋଲି କହିଥିଲେ। ସେ ଡାକ୍ତରଖାନାରେ ରହିବେ ନାହିଁ ବୋଲି କହିଥିଲେ। ତାଙ୍କୁ କେହି ଅଟକାଇ ପାରିବେ ନାହିଁ ବୋଲି କହିଥିଲେ। ଏହା ପରେ ସିକ୍ୟୁରିଟୀ ଗାର୍ଡ ଓ ଆଟେଣ୍ଡାଣ୍ଟମାନେ ତାଙ୍କୁ ନିର୍ଦ୍ଧୁମ ପିଟିଥିଲେ। ତାଙ୍କ ଶରୀର ସାରା ନୋଳା ବସାଇ ଦେଇଥିଲେ। ବେଡ୍‌ରେ ତାଙ୍କ ହାତ, ଗୋଡ ବାନ୍ଧି ଦିଆଯାଇଥିଲା। ତାଙ୍କୁ ଇଞ୍ଜେକ୍ସନ ଦିଆଯାଇଥିଲା। କିନ୍ତୁ ରାତି ପ୍ରାୟ ସାଢେ ୪ଟା ବେଳେ ତାଙ୍କୁ ମୃତ ଅବସ୍ଥାରେ ପାଇଥିଲେ ତାଙ୍କ ପରିବାର ଲୋକେ। ତାଙ୍କ ମୃତ୍ୟୁ ହୋଇଯାଇଥିବା କଥା ତାଙ୍କ ପରିବାର ଲୋକେ ପ୍ରଥମେ ଜାଣିଥିଲେ। ତାଙ୍କ ଭାଇ ଭୋରରେ ତାଙ୍କ ପାଖକୁ ଯାଇଥିବା ବେଳେ ଏହା ଜାଣିବାକୁ ପାଇଥିଲେ।



ଶ୍ରୀକାନ୍ତଙ୍କ ସ୍ତ୍ରୀ ସସ୍ମିତା ଦାସ କହିଛନ୍ତି ଯେ ତାଙ୍କୁ ଭଲ କରିବାକୁ ଆମେ ଡାକ୍ତରଖାନାକୁ ଆଣିଥିଲୁ। କିନ୍ତୁ ସେ ଗୋଟିଏ ଦିନ ରହିବା ପରେ ତାଙ୍କୁ ପିଟି ପିଟି ମାରିଦେଲେ। ସିକ୍ୟୁରିଟୀ ଗାର୍ଡ ଓ ଡାକ୍ତରଖାନାର ଆଉ କିଛି କର୍ମଚାରୀ ମିଶି ତାଙ୍କୁ ପ୍ଲାଷ୍ଟିକ୍ ପାଇପରେ ପିଟି ଥିଲେ। ହାତ, ଗୋଡ, ଜଂଘ, ପିଠି- କେଉଁଠି ବି ଜାଗା ନଥିଲା। ତାଙ୍କ ଦେହ ସାରା ମୋଟା ମୋଟା ନୋଳା ପଡିଛି। ତାଙ୍କ କାନମୁଣ୍ଡାକୁ ବି ମାରିଥିଲେ। କାନମୁଣ୍ଡାରେ କ୍ଷତ ଅଛି। ଏତେ ପିଟିଲେ କିଏ ବଞ୍ଚିବ। ସସ୍ମିତା କହିଛନ୍ତି, ଗତକାଲି ସନ୍ଧ୍ୟାରୁ ରାତି ୯ଟା ପର୍ଯ୍ୟନ୍ତ ସେ (ଶ୍ରୀକାନ୍ତ ଦାସ) ଶୋଇଥିଲେ। ସେ କିଛି ଅସୁବିଧା କରି ନଥିଲେ। ରାତି ୯ଟା ବେଳକୁ ସେ ଘରକୁ ଯିବା ପାଇଁ ଜିଦ୍‌ଧରିଥିଲେ। ସିକ୍ୟୁରିଟି ଗାର୍ଡ ତାଙ୍କୁ କହିଥିଲେ ତୁମେ କୁଆଡେ ଯାଇପାରିବ ନାହିଁ। କିନ୍ତୁ ସେ ପଳେଇବେ ବୋଲି କହିଥିଲେ। କିଏ ତାଙ୍କର କ'ଣ କରିବେ ବୋଲି ସେ କହିଥିଲେ। ସିକ୍ୟୁରିଟୀ ଗାର୍ଡ ତାଙ୍କୁ ପିଟିବେ ବୋଲି କହିଥିଲେ। କେମିତି ପିଟିବ ବୋଲି ସେ କହିଥିଲେ। ଏହା ପରେ ତାଙ୍କୁ ଗୋରୁଗାଈ ଭଳି ବାଡେଇ ଥିଲେ ସିକ୍ୟୁରିଟୀ ଗାର୍ଡ ଓ ଅନ୍ୟ କିଛି କର୍ମଚାରୀ। ୪/୫ ଜଣ ମିଶି ତାଙ୍କୁ ପିଟିଥିଲେ।

## ମଝି ଆକାଶରେ ଭୟଙ୍କର ସ୍ଥିତି

ଦୁବାଇ,୩୦।୯(ନି.ପ୍ର.): ସହ ପାଇଲଟଙ୍କ ସହ କକପିଟ୍‌ରେ ଲଢ଼ିଲେ। ଛୁରା ମାଡ ସତ୍ତ୍ୱେ ବି ହାରିଲେନି। ଅଦମ୍ୟ ସାହାସ ଦେଖାଇ ସମ୍ଭାବ୍ୟ ଦ୍ୱିତୀୟ ୯/୧୧ ଭଳି ଆତଙ୍କବାଦୀ ହମଲାକୁ ଟାଳିଲେ।

ଏପରି ବୀରତା ଦେଖାଇଥିବା ଫ୍ଲାଏଦୁବାଇ ବିମାନର କ୍ୟାପ୍‌ଟେନ ଜଣଙ୍କ ହେଉଛନ୍ତି ଭାରତୀୟ ନାଗରିକ। କ୍ୟାପ୍‌ଟେନଙ୍କ ସାହାସ ଯୋଗୁ ମଝି ଆକାଶରେ ରକ୍ତାକ୍ତ ସଂଘର୍ଷ ସତ୍ତ୍ୱେ

**ଛୁରା ମାଡ ସତ୍ତ୍ୱେ ଦ୍ୱିତୀୟ ୯/୧୧ ହମଲାକୁ ରୋକିଲେ ଭାରତୀୟ କ୍ୟାପ୍ଟେନ, ବଞ୍ଚାଇଲେ ୧୮୦ ଜୀବନ**

୧୮୦ ଜଣ ଲୋକ ସୁରକ୍ଷିତ ଭାବେ ସାଉଦି ଆରବରେ ଲ୍ୟାଣ୍ଡ କରିପାରିଛନ୍ତି।

ଦୁବାଇରୁ ଇସ୍ରାଏଲର ତେଲ ଅଭିଭକୁ ଯାଉଥିବା ଗୋଟିଏ ବିମାନ ମଝି ଆକାଶରେ ଆତଙ୍କର ଭୟଙ୍କର ସ୍ଥିତି ସାମ୍ନା କରିଥିଲା। କକପିଟ୍‌ରେ ଥିବା ଦୁଇ ଜଣ ପାଇଲଟଙ୍କ ମଧ୍ୟରୁ ଜଣେ ବିମାନକୁ ଅପହରଣ କରି ଏହାକୁ କ୍ରାଶ କରିବାକୁ ଚାହୁଁଥିଲେ।

ହେଲେ ବିମାନର କ୍ୟାପ୍‌ଟେନ ଏହାକୁ କିଛି ଯାତ୍ରୀମାନଙ୍କ ସହ ମିଶି ରୋକିବାକୁ ସକ୍ଷମ ହୋଇଛନ୍ତି। ଏହି ସମୟରେ କ୍ୟାପ୍‌ଟେନଙ୍କ ଦେହରେ ଛୁରୀ ମାଡ ହୋଇଛି ଓ କିଛି ଯାତ୍ରୀ ମଧ୍ୟ ରକ୍ତାକ୍ତ ହୋଇଛନ୍ତି। ଛୁରା ମାଡରେ ଲହୁଲୁହାଣ ହୋଇଥିବା ଭାରତୀୟ କ୍ୟାପ୍‌ଟେନ ଜଣଙ୍କ ଲୋକଙ୍କ ସୁରକ୍ଷାକୁ ଆଦୌ ବିପଦରେ ପକାଇବାକୁ ଦେଇ ନାହାନ୍ତି। ଭାରତୀୟ କ୍ୟାପ୍‌ଟେନ ଛୁରା ମାଡର ସାମ୍ନା କରିଥିଲେ ଓ




ଓମାନର ସହ ପାଇଲଟଙ୍କ ସହ ଲଢ଼ କରିଥିଲେ। କାରଣ ଓମାନ ସହ ପାଇଲଟ ଜଣଙ୍କ ବିମାନକୁ ଅପହରଣ କରି ୧୮୦ ଜଣ ଯାତ୍ରୀଙ୍କୁ ନେଇ ୯/୧୧ ଷ୍ଟାଇଲରେ ଆକ୍ରମଣ କରିବାକୁ ଚାହୁଁଥିଲେ।

ହଲେ ଭାରତୀୟ କ୍ୟାପ୍‌ଟେନ ଏହାକୁ କରିବାକୁ ଦେଇ ନଥିଲେ। ଏହି ଲଢ଼ରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ହେଲେ ସାହାସୀ ଭାରତୀୟ କ୍ୟାପ୍‌ଟେନ ଜୀବିତ ଥିବା ଜଣାପଡିଛି। ଚ୍ୟାନେଲ ୧୨ କହିଛି ଯେ କ୍ୟାପ୍‌ଟେନ ଜଣଙ୍କ ଭାରତୀୟ ବଂଶୋଦ୍ଭବ। କିନ୍ତୁ ୱାଇନେଟ୍ ନ୍ୟୁଜ ସ୍ପଷ୍ଟ କରିଛି ଯେ ଫ୍ଲାଏଦୁବାଇ ବିମାନ ଉଡାଉଥିବା କ୍ୟାପ୍‌ଟେନ ଭାରତୀୟ ନାଗରିକ। ଏବେ ବିମାନକୁ କ୍ରାଶ କରିବାକୁ ଚାହୁଁଥିବା ଓମାନୀୟ ସହ ପାଇଲଟଙ୍କୁ ତଦନ୍ତ ପରିସର କରାଯାଇଛି। ତାଙ୍କୁ କେମିତି ଇସ୍ରାଏଲ ଅଭିମୁଖେ ବିମାନ ଉଡାଇବାକୁ ଅନୁମତି ମିଳିଲା, ତା'ର ଯାଞ୍ଚ କରାଯାଉଛି।

ରିପୋର୍ଟ ଅନୁସାରେ, ଇସ୍ରାଏଲ ଆକାଶ ପଥ କିମ୍ବା ଇସ୍ରାଏଲରେ ଲ୍ୟାଣ୍ଡ କରୁଥିବା ବିମାନରେ ଯଦି କୌଣସି ମଧ୍ୟପ୍ରାଚ୍ୟ ଦେଶର କୁ ସଦସ୍ୟ ରହିଥାଆନ୍ତି, ତା'ହେଲେ ସେମାନଙ୍କୁ କଠୋର ସୁରକ୍ଷା ଯାଞ୍ଚର ସାମ୍ନା କରିବାକୁ ପଡ। ତଥାପି ଦୁବାଇରୁ ଇସ୍ରାଏଲ ଯାଉଥିବା ବିମାନରେ କେମିତି ଓମାନୀୟ ସହ-ପାଇଲଟଙ୍କୁ ଉଡାଣ ପାଇଁ ଅନୁମତି ମିଳିଥିଲା, ତାହା ବଡ ପ୍ରଶ୍ନ ହୋଇ ଛିଡା ହୋଇଛି। ବିମାନରେ ଥିବା ଜଣେ ଯାତ୍ରୀଙ୍କ ମା' କହିଛନ୍ତି ଯେ ସାଉଦି ଆରବରୁ ତାଙ୍କୁ ତାଙ୍କ ଝିଅ ଫୋନ କରିଥିଲେ। ଛୁରୀରେ ବିମାନର ଜଣେ ପାଇଲଟ ଆଉ ଜଣଙ୍କୁ ମାରିବାକୁ ଚେଷ୍ଟା କରୁଥିବା ସେ ଜଣାଇଛନ୍ତି।

କକପିଟରୁ ଚିତ୍କାର ଶବ୍ଦ ଶୁଣା ଯିବାରୁ ଆଉ ଜଣେ ଯାତ୍ରୀ ସେଠାକୁ ଯାଇଥିଲେ। ସେ ରକ୍ତ ଦେଖି ପାଟି କରିବାରୁ ଅନ୍ୟମାନେ କକପିଟକୁ ଯାଇ ଆକ୍ରମଣକାରୀ ସହ-ପାଇଲଟଙ୍କୁ କାବୁ କରିଥିଲେ। ଓମାନର ସହ-ପାଇଲଟ ଜଣଙ୍କ ଦ୍ୱିତ ନାଗରିକତା ରଖିଥିଲେ କି ନାହିଁ, ତା'ର ମଧ୍ୟ ଖୋଳତାଡ ହେଉଛି। ଇସ୍ରାଏଲର ସରକାରୀ ସୂତ୍ରରେ କୁହାଯାଇଛି ଯେ ସହ ପାଇଲଟ ଜଣଙ୍କ ବିମାନ କମ୍ପାନରେ ପ୍ରାୟ ବର୍ଷକ ତଳେ କାର୍ଯ୍ୟ ଆରମ୍ଭ କରିଥିଲେ। ଘଟଣା ପରେ ସହ ପାଇଲଟ ଓ କ୍ୟାପ୍‌ଟେନଙ୍କୁ ସାଉଦି ଆରବର ତାବୁକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜେରୁଜେଲମ ପୋଷ୍ଟକୁ ଇସ୍ରାଏଲର ଜଣେ ଯାତ୍ରୀ କହିଛନ୍ତି, କ୍ୟାପ୍‌ଟେନଙ୍କୁ ଛୁରୀ ମାଡ କରି ସହ ପାଇଲଟ ତାଙ୍କୁ ବାହାରକୁ ଫିଙ୍ଗିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବିମାନ ଅତର୍କିତ ଭାବେ ତଳକୁ ଖସିବାରେ ଲାଗିଥିଲା। ତେବେ ଏହି ସମୟରେ ସାମ୍ନାରେ ଥିବା ଏକାଧିକ ଇସ୍ରାଏଲ ଯାତ୍ରୀ କକପିଟକୁ ଯାଇ ଆକ୍ରମଣକାରୀ ସହ ଲଢ଼ିଥିଲେ। ପଛ ଭାଗରେ ବସିଥିବା ଦୁଇ ଜଣ ପାଇଲଟ ତୁରନ୍ତ କକପିଟକୁ ଯାଇ ବିମାନକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଏହାପରେ ବିମାନ ସାଉଦିରେ ଜରୁରୀ ଅବତରଣ କରିଥିଲା।

## ବିଦ୍ୟାଭାରତୀଙ୍କ ଅଡୁଆ ବଢ଼ିଲା

ଭୁବନେଶ୍ୱର,୩୦।୯(ନି.ପ୍ର.): ବହୁ ଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ଅଡୁଆ ବଢ଼ିଲା। କାରଣ ତାଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଛି। ହାଇକୋର୍ଟଙ୍କ ଆଦେଶକୁ କାଏମ ରଖିଛନ୍ତି ସୁପ୍ରିମକୋର୍ଟ।ସେପ୍ଟେମ୍ବର ୯ ତାରିଖରେ ହାଇକୋର୍ଟ ବିଦ୍ୟାଭାରତୀ ପଣ୍ଡା ଉପରୁ ଅନ୍ତରୀଣ ସୁରକ୍ଷା ହଟାଇ ଦେଇଥିଲେ। ଏହା ବିରୋଧରେ ସେ ସୁପ୍ରିମକୋର୍ଟରେ ସ୍ପ ?ଶାଲ୍ ଲିଭ୍ ପିଟିସନ୍ ଦାଖଲ କରିଥିଲେ। ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ନିମ୍ନ ଅଦାଲତରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ସମେତ ମୋଟ ଦୁଇଟି ଆବେଦନ କରିଥିଲେ ବିଦ୍ୟାଭାରତୀ। ସେପ୍ଟେମ୍ବର ୩ ତାରିଖରେ ହାଇକୋର୍ଟ ତାଙ୍କ ଆବେଦନ ଉପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ ହାଇକୋର୍ଟ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଆଉ ସେପ୍ଟେମ୍ବର ୯ ତାରିଖରେ ରାୟ ଶୁଣାଇ ହାଇକୋର୍ଟ ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରିଦେଇଥିଲେ।

## ୧୬ ବର୍ଷର ଚାକିରିରେ ୩୦ ପ୍ଲଟ, ୪ କୋଠା

### ୩୬ ଲକ୍ଷରୁ ଅଧିକ ଜମା ଓ ଆହୁରି ଅନେକ ସଂପତ୍ତି; ବାନ୍ଧିଲା ଭିଜିଲାନ୍ସ

ଭୁବନେଶ୍ୱର,୩୦।୯(ନି.ପ୍ର.): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁରର ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟଙ୍କୁ ବୁଧବାର ଗିରଫ କରିଛି ଭିଜିଲାନ୍ସ। ଗତକାଲି ତାଙ୍କ ସହିତ ଜଡିତ ୭ଟି ଠିକଣାରେ ଚଢ଼ାଉ କରାଯାଇଥିବା ବେଳେ ବିପୁଳ ସଂପତ୍ତି ଠାବ କରାଯାଇଛି। ସେ ତାଙ୍କ ଆୟ ତୁଳନାରେ ୨୪୮% ଅଧିକ ସଂପତ୍ତି ଠୁଳ କରିଛନ୍ତି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।



ଶ୍ରୀ ସାମନ୍ତରାୟଙ୍କ ସଂପତ୍ତି ମଧ୍ୟରେ ରହିଛି ୪ଟି ବହୁତଳ କୋଠା, ଗୋଟିଏ ୩-ବିଏଚ୍‌କେ ଫ୍ଲାଟ୍, ୩୦ଟି ମୂଲ୍ୟବାନ ପ୍ଲଟ୍, ୩୦୦ ଗ୍ରାମ ସୁନାଗହଣା, ୩୬ ଲକ୍ଷ ୭୮ ହଜାର ଟଙ୍କାର ଜମା ଓ ଗୋଟିଏ ଚାରି ଚକିଆ ଗାଡି । ଭୁବନେଶ୍ୱରର ନନ୍ଦନ ବିହାରରେ ତାଙ୍କର ଏକ ଡୁପ୍ଲେକ୍ସ ଥିବା ବେଳେ ପୁରୀ ବାଲିଗୁଆଳିର ତୋଟା ବେହେରା ସାହିରେ ଏକ ତିନି ମହଲା କୋଠା, ଖୋର୍ଦ୍ଧା ବାଲୁଗାଁର ସୁବାଷ ମାର୍ଗରେ ଏକ ଦୁଇ ମହଲା ଘର ଓ ଭୁବନେଶ୍ୱରର ଜଟଣୀ ନିକଟରେ ଏକ କୋଠା ରହିଛି। ଏହା ସହିତ ସମ୍ବଲପୁରର ଧନକଉଡାରେ ସନ୍ ସିଟ୍ ଆପାର୍ଟମେଣ୍ଟରେ ତାଙ୍କର ଏକ ୩-ବିଏଚ୍‌କେ ଫ୍ଲାଟ୍ ରହିଛି।

ତାଙ୍କର ୩୦ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟରୁ ୮ଟି ଭୁବନେଶ୍ୱର ଓ ଜଟଣୀର ପ୍ରମୁଖ ସ୍ଥାନଗୁଡିକରେ ଥିବା ବେଳେ ୩ଟି ଖୋର୍ଦ୍ଧା ଆଖପାଖ ଅଞ୍ଚଳରେ ୮ଟି ସମ୍ବଲପୁର ଓ ଏହାର ଆଖପାଖ ଅଞ୍ଚଳରେ ରହିଛି। ସେହିପରି ବୁର୍ଲାରେ ୩ଟି ପ୍ଲଟ୍ ଓ ରେଙ୍ଗାଲିରେ ୨ଟି ପ୍ଲଟ୍ ଅଛି। ତାଙ୍କ ଘରେ ଥିବା ଆସବାବପତ୍ର ଆଦିର ମୂଲ୍ୟ ସା ୭ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଛି। ସେ ଏହି ସବୁ ସମ୍ପତ୍ତି କେମିତି ଠୁଳ କଲେ, ତା'ର କୌଣସି ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଗିରଫ କରାଯାଇଛି।

୧୯୮୨ରେ ଜନ୍ମ ହୋଇଥିବା ଉମାକାନ୍ତ ସାମନ୍ତରାୟ ୨୦୦୯ରେ ସରକାରୀ ଚାକିରି ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ନିଯୁକ୍ତି ଥିଲା ରାଉରକେଲାରେ। ସେଠାରେ ସେ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ସହକାରୀ ନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ। ତାଙ୍କର ପ୍ରାରମ୍ଭିକ ଦରମା ଥିଲା ୧୫ ହଜାର। ୨୦୧୩ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ସେ ରାଉରେକାଲାରେ କାମ କରିଥିଲେ। ତା'ପରେ ତାଙ୍କର ବଦଳି ହୋଇଥିଲା ଅନୁଗୋଳକୁ। ୨୦୨୦ ଡିସେମ୍ବର ମାସରେ ସେ ସମ୍ବଲପୁରର ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ସହକାରୀ ନିର୍ଦ୍ଦେଶକ ଭାବେ ବଦଳି ହୋଇଥିଲେ। ୬ ବର୍ଷ ହେଲାଣି ସେ ସମ୍ବଲପୁରରେ ଅଛନ୍ତି।

## ତୀରନ୍ଦାଜୀରେ ଭାରତକୁ ହ୍ୟାଟ୍ରିକ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୩୦।୯: ଏସିଆନ ଗେମ୍ସ ୨୦୨୬ରେ ଭାରତର ସୁନା ବର୍ଷା। ବୁଧବାର ତୀରନ୍ଦାଜୀରେ ଭାରତକୁ ମିଳିଛି ହ୍ୟାଟ୍ରିକ ସ୍ୱର୍ଣ୍ଣ। ପୂର୍ବରୁ ମହିଳା କମ୍ପାଉଣ୍ଡ ତୀରନ୍ଦାଜୀ ଟିମ୍ ଇଭେଣ୍ଟ ଓ କମ୍ପାଉଣ୍ଡ ମିକ୍ସଡ୍ ଟିମ୍ ଇଭେଣ୍ଟ ଭାରତକୁ ସ୍ୱର୍ଣ୍ଣ ମିଳିଥିଲା।ଏବେ ପୁରୁଷ କମ୍ପାଉଣ୍ଡ ଇଭେଣ୍ଟରେ ମଧ୍ୟ ରେକର୍ଡ ସୁନା ପଦକ ଜିତିଛି। ପୁରୁଷ କମ୍ପାଉଣ୍ଡରେ ଭାରତ ବେଶ ନାଟକୀୟ ଢଙ୍ଗରେ ଚାଇନାକୁ ହରାଇ ଏହି ସଫଳତା ପାଇଛି। ଗୋଟିଏ ପଏଣ୍ଟ ବ୍ୟବଧାନରେ ଭାରତୀୟ ଖେଳାଳି ବିଜୟ ବାନା ଉଡାଇଛନ୍ତି। ୨୩୮-୨୩୭ ପଏଣ୍ଟରେ ଭାରତ ଏବେ ତୀରନ୍ଦାଜୀ ପୁରୁଷ କମ୍ପାଉଣ୍ଡ ଇଭେଣ୍ଟରେ ଚାମ୍ପିୟନ ଆଖ୍ୟା ପାଇଛି।

ସାହିଲ ଯାଦବ, ଗଣେଶ ମଣି ରତନମ ଓ କୁଶଳ ଦଲାଲ ମିଳିତ ଭାବେ ଭାରତକୁ ଏହି ସଫଳତା ଦେଇଛନ୍ତି। ଶେଷ ରାଉଣ୍ଡରେ ଭାରତର ୩ ଜଣ ଯାକ ଖେଳାଳି ପରଫେକ୍ଟ ୧୦ ପଏଣ୍ଟ ଲେଖାଏ ହାସଲ କରିଥିଲେ।ଚାଇନା ମଧ୍ୟ ୩୦ ପଏଣ୍ଟ ପାଇଥିଲା। ହେଲେ ପୂର୍ବରୁ ଚାଇନା କରିଥିବା ତ୍ରୁଟି ଯୋଗୁ ଭାରତ ୨୩୮-୨୩୭ ପଏଣ୍ଟ ବ୍ୟବଧାନରେ ବିଜେତା ହୋଇଛି। ଚାଇନାକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡିଛି।



ଏହାପୂର୍ବରୁ ପ୍ରଥମେ ମହିଳା କମ୍ପାଉଣ୍ଡ ତୀରନ୍ଦାଜୀ ଟିମ୍ ଇଭେଣ୍ଟରୁ ଭାରତକୁ ସ୍ୱର୍ଣ୍ଣ ମିଳିଥିଲା। ଜ୍ୟୋତି ସୁରେଖା ଭେନ୍ନମ, ଚିକିତା ତନିପାର୍ଥୀ ଓ ପ୍ରତିକା ପ୍ରଦୀପଙ୍କ ଟିମ ଭାରତକୁ ତୀରନ୍ଦାଜୀରେ ପ୍ରଥମ ସ୍ୱର୍ଣ୍ଣ ଦେଇଥିଲେ।ପୁରୁଷ ଟିମ ଭଳି ସେମାନେ ମଧ୍ୟ ଚାଇନାକୁ ଫାଇନାଲରେ ହରାଇଥିଲେ। ୨୩୮-୨୩୪ ପଏଣ୍ଟରେ ଭାରତ ବିଜୟ ହୋଇଥିଲା। ୨୩୮ ପଏଣ୍ଟ ସହ ଭାରତ ସ୍ୱର୍ଣ୍ଣ ପଦକ ଜିତିବା ସହିତ ବିଶ୍ୱ ରେକର୍ଡର ସମକକ୍ଷ ହୋଇଥିଲା। ଏହାପରେ ଆଉ ଏକ ସ୍ୱର୍ଣ୍ଣ କମ୍ପାଉଣ୍ଡ ମିକ୍ସଡ୍ ଇଭେଣ୍ଟରୁ ଆସିଥିଲା। ଏହି ଟିମ୍‌ରେ ଥିଲେ ସାହିଲ ଯାଦବ ଓ ଚିକିତା ତନିପାର୍ଥୀ। ଫାଇନାଲରେ ସେମାନେ ଦକ୍ଷିଣ କୋରିଆକୁ ଶୁଟ୍-ଅଫ୍‌ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ସାହିଲ ଯାଦବ ଓ ଚିକିତା ତନିପାର୍ଥୀଙ୍କ ସ୍କୋର ଏବଂ ଦକ୍ଷିଣ କୋରିଆର ପ୍ରତିଦ୍ୱନ୍ଦ୍ୱୀଙ୍କ ସ୍କୋର ସମାନ ରହିଥିଲା। ଉଭୟ ଟିମ୍ ୧୫୭ ଲେଖାଏ ସ୍କୋର କରିଥିଲେ। ଫଳାଫଳ ଟାଏ ରହିବାରୁ ଶୁଟ୍-ଅଫ୍ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ଆଉ ଏଥିରେ ବାଜି ମାରିଥିଲା ଭାରତୀୟ ଦଳ। ସ୍ୱର୍ଣ୍ଣ ପଦକ ଜିତିବା ସହିତ ତୀରନ୍ଦାଜୀ କମ୍ପାଉଣ୍ଡ ମିକ୍ସଡ୍ ଟିମ୍‌କୁ ୨୦୨୮ ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ମଧ୍ୟ ଟିକେଟ୍ ମିଳିଯାଇଛି।



# ପିପିଲି ସିଦ୍ଧେଶ୍ୱର ଦେବ ବ୍ୟବସାୟୀ ସଂଘର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ

ପିପିଲି,୩୦।୯ :(ମନ୍ଥନ)ପିପିଲି ବଜାର ସିଦ୍ଧ ?ଶ୍ୱର ଦେବ ବ୍ୟବସାୟୀ ସଂଘ ପକ୍ଷରୁ ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ଶ୍ରୀରାମ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଧୀରେନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଂଘର ସମସ୍ତ ସଦସ୍ୟ ମାନେ ଯୋଗଦେଇଥିଲେ। ଏଥିରେ ବଜାରର ବିଭିନ୍ନ ସମସ୍ୟା ସମେତ ଆଗାମୀ ଗଜଲକ୍ଷ୍ମୀ ପୂଜା ଆୟୋଜନ ନେଇ ବିସ୍ତୃତ ଆଲୋଚନା କରିଥିଲେ । ଗଜଲକ୍ଷ୍ମୀ ପୂଜାକୁ ଶୃଙ୍ଖଳିତ, ଆକର୍ଷଣୀୟ ଓ ମହାଆଡ଼ମ୍ବରରେ ପାଳନ କରିବା ପାଇଁ ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ମତ ବିନିମୟ ହୋଇଥିଲା । ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ଦାୟିତ୍ୱ ବଣ୍ଟନ ଏବଂ ସମ୍ପୂର୍ଣ୍ଣ ଆୟୋଜନର ରୂପରେଖା ନେଇ ସଦସ୍ୟ ମାନେ ନିଜ ନିଜ ମତ ରଖିଥିଲେ। ଏଥିସହ ପୂର୍ବବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ



କରାଯିବା ସହ ପିପିଲି ବଜାରର ବିଭିନ୍ନ ସମସ୍ୟା ଏବଂ ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ୟବସାୟୀଙ୍କ ସ୍ୱାର୍ଥ, ସୁରକ୍ଷା ସହ ବଜାରର ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଆଗାମୀ ଦିନରେ ସଂଘ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଉପସଭାପତି ମନୋଜ ପ୍ରଧାନ, ସହସମ୍ପାଦକ ଜିଲୁର ମହମ୍ମଦ, କୋଷାଧ୍ୟକ୍ଷ ଅଧିକାରୀ ସାହୁ, ମୁଖ୍ୟ ଉପଦେଷ୍ଟା ଚିତ୍ତରଞ୍ଜନ ନାୟକଙ୍କ ସମେତ ବିଭିନ୍ନ ଜୋନର ଉପସଭାପତି ସଞ୍ଜୟ ମୁଖାର୍ଜୀ, ସୁରେନ୍ଦ୍ର ବେହେରା, ଖଲିଲୁର ରେହମନ, ଘନଶ୍ୟାମ ପ୍ରଧାନ ଓ ପ୍ରସନ୍ନ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ନିଜ ନିଜର ମତ ରଖିଥିଲେ। ଶେଷରେ ଗଜଲକ୍ଷ୍ମୀ ପୂଜାକୁ ସୁଚାରୁରୂପେ ସମ୍ପନ୍ନ କରିବା ସହ ବଜାରର ସମସ୍ୟା ଓ ବ୍ୟବସାୟୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହେଇଥିଲା ।

## କବିସୂର୍ଯ୍ୟନଗର ମୁନ୍ସିପାଲଟିର ଅଜବ ନିତି

# କଂକ୍ରିଟ ରାସ୍ତା ଉପରେ ପଡୁଛି ପୁଣି କଂକ୍ରିଟ

କବିସୂର୍ଯ୍ୟନଗର,୩୦।୯ :(ମନ୍ଥନ) ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ମୁନ୍ସିପାଲ୍ଟିର କାର୍ଯ୍ୟ ଶୈଳୀକୁ ଦେଖି ଲୋକେ କାବା । ସରକାରୀ ଟଙ୍କା ଲୁଟିବାର ନୂଆଁ ଫନ୍ଦା ବାହାର କରିଛନ୍ତି କର୍ତ୍ତୃପକ୍ଷ । ବିନା ଫଳକରେ ଭଲ କଂକ୍ରିଟ ରାସ୍ତା ଉପରେ ପୁଣି କଂକ୍ରିଟ ପକାଇ ଲକ୍ଷ ଲକ୍ଷ ଟଙ୍କା ଲୁଟିବାକୁ ଚାଲିଛି ଯୋଜନା। ଘୋଟାଲାକୁ ଆଖିମୁଜା ସମର୍ଥନ କରୁଛି ପ୍ରଶାସନ । ତେବେ ଦୀର୍ଘ ଦୁଇ ବର୍ଷ ହେବ କବିସୂର୍ଯ୍ୟନଗର ସହର ରେ କୌଣସି ଉନ୍ନୟନ କାର୍ଯ୍ୟ ହୋଇପାରୁନଥିଲା ।ବିଭିନ୍ନ ସାହି ଗଳିରେ ମାଳ ମାଳ ସମସ୍ୟା ଥିଲେ ମଧ୍ୟ ସମାଧାନ ହୋଇପାରୁନଥିବା ବେଳେ ଏବେ କିଛି କାର୍ଯ୍ୟର ଟେଣ୍ଡର ବାହାର କରାଯାଇଛି । ଟେଣ୍ଡର ଗୁଡ଼ିକର କାର୍ଯ୍ୟ ମଧ୍ୟ କିଛି କିଛି ସ୍ଥାନରେ ଆରମ୍ଭ ହୋଇସାରିଛି କ୍ଷ ତେବେ ସବୁଠାରୁ ଆଶ୍ଚର୍ଯ୍ୟ ର କଥା ଚାଲିଥିବା କାର୍ଯ୍ୟ ଗୁଡିକ ବିଷୟରେ ଜନ ସାଧାରଣ ଜାଣିବା ପାଇଁ କୌଣସି ସୂଚନା ଫଳକ ନାହିଁ । ଏବଂ କିଛି ସ୍ଥାନରେ ଲୋକଙ୍କ ବିରୋଧ ସତ୍ତ୍ୱେ ଜୋର ଜବରଦସ୍ତ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି କ୍ଷ



ବିଶେଷକରି ୱାର୍ଡ ନମ୍ବର ତିନି ତନ୍ତୀ ସାହି ରେ ଚାଲିଥିବା କାର୍ଯ୍ୟରେ ମହାଘୋଟାଲା ହୋଇଥିବା ଦେଖିବାକୁ ମିଳିଛି । ତନ୍ତୀ ସାହି ଛକ ଠାରୁ ଗୋପୀନାଥ ମନ୍ଦିର ଛକ ପର୍ଯ୍ୟନ୍ତ କିଛି ବର୍ଷ ପୂର୍ବ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା । ରାସ୍ତାଟି ବର୍ତ୍ତମାନ ଭଲ ଥିବା ବେଳେ ଏହି ରାସ୍ତା ଉପରେ ଏବେ ପୁଣି ରାସ୍ତା ପକାଉଛି ମୁନ୍ସିପାଲଟି । ପୂର୍ବରୁ ଥିବା କଂକ୍ରିଟ ରାସ୍ତା ଖୋଳା ନଯାଇ ତାହା ଉପରେ ପୁଣି କଂକ୍ରିଟ ପକାଯାଉଛି । ତେବେ କଂକ୍ରିଟ ଉପରେ କଂକ୍ରିଟ ପଡିବା ଯୋଗୁଁ ରାସ୍ତା ଉଚ୍ଚା ହେବା ସହ ଘର ଗୁଡିକ ଦବିବାରେ ଲାଗିଛି । କିଛି ଘର ରାସ୍ତା ଠାରୁ ଥାକ ରେ ରହିବା ଯୋଗୁଁ ବର୍ଷା ହେଲେ ନାଳ ପାଣି ଘରେ ପଶିବା ଭୟ ଲୋକଙ୍କୁ ଘାରିଛି । ସମସ୍ୟା ନେଇ କବିସୂର୍ଯ୍ୟନଗର ମୁନ୍ସିପାଲ୍ଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟ ବାସିନ୍ଦା ଅଭିଯୋଗ ପରେ ଯେଣତେଣ ପ୍ରକାରେ କାର୍ଯ୍ୟ ସାରିବାକୁ ଅଧିକାରୀ ମାନେ ଚେଷ୍ଟା ଜାରିରଖିଥିବା ଜଣାପଡିଛି । ତେବେ ଏଠି ପ୍ରଶ୍ନ ରାସ୍ତା ଉପରେ ରାସ୍ତା ନିର୍ମାଣ କୁ ପ୍ରଶୟ ଦେଲା କିଏ ? ଟେଣ୍ଡର ପୂର୍ବରୁ ବିଭାଗୀୟ ଯନ୍ତ୍ରୀ ଫିଲ୍ଡ ଭିଜିଟ କରିଛନ୍ତି ତ । ଯଦି ଟେଣ୍ଡେର ହାତେଇଥିବା ଠିକା ସଂସ୍ଥା ରାସ୍ତା ଉପରେ ପୁଣି ରାସ୍ତା ନିର୍ମାଣ କରେ ତେବେ ଆଗକୁ ଲୋକ ଙ୍କ ସମସ୍ୟାର କିଏ କରିବ ସମାଧାନ । ସରକାରଙ୍କ ଏମିତି କେଉଁଠି ନିୟମ ରହିଛି ଯେଉଁଠି ଲୋକଙ୍କୁ ସମସ୍ୟା ରେ ପକାଇ ରାସ୍ତା ଉପରେ ରାସ୍ତା ନିର୍ମାଣ କରାଯିବ । ତେବେ କବିସୂର୍ଯ୍ୟନଗର ବିଧାୟକ ଏବଂ ଜିଲ୍ଲା ପ୍ରଶାସନ ଲୋକଙ୍କ ସମସ୍ୟା ଉପରେ ଦୃଷ୍ଟି ଦେଦେଇ ସମାଧାନ କରିବା ସହ ଚାଲିଥିବା ଘୋଟଲା ବନ୍ଦ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଅନୁଗୋଳ ବନଖଣ୍ଡ ଦ୍ରୁତ ପ୍ରତିକ୍ରିୟା, ସୁରକ୍ଷିତ ଉଦ୍ଧାର, ସମ୍ବେଦନଶୀଳ ଯତ୍ନ

ଅନୁଗୋଳ,୩୦।୯ :(ମନ୍ଥନ) ଅନୁଗୋଳ ବନଖଣ୍ଡର ଆରଆରଟି ଏବଂ ଏମଭିୟୁ ଟିମ୍ ପକ୍ଷରୁ ଘରର ଛାତ ଉପରେ ଅଟକି ରହିଥିବା ଏକ ମାଙ୍କଡ଼କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ନେଇ ଏକ ମକ୍ ଡ୍ରିଲ୍ ଆୟୋଜନ କରାଯାଇଥିଲା। ଏଥିରେ ପରିସ୍ଥିତି ଆକଳନ, ସୁରକ୍ଷିତ ଭାବେ ନିକଟତର ହେବା, ପ୍ରଶିକ୍ଷିତ କର୍ମଚାରୀଙ୍କ ଦ୍ୱାରା ଟ୍ରାଙ୍କୁଲାଇଜେସନ୍, ପଶୁର ଯତ୍ନପୂର୍ବକ ପରିଚାଳନା, ଉଦ୍ଧାର କୌଶଳ, ଉଦ୍ଧାର ଉପକରଣର ସଠିକ୍ ବ୍ୟବହାର, ଦଳୀୟ ସମନ୍ୱୟ ଏବଂ ତୁରନ୍ତ ପ୍ରାଣୀ ଚିକିତ୍ସା ଯାଞ୍ଚ ଓ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି ମକ୍ ଡ୍ରିଲ୍ ମାଧ୍ୟମରେ ବନ୍ୟଜନ୍ତୁ ଉଦ୍ଧାର ସମୟରେ ଦ୍ରୁତ ପ୍ରତିକ୍ରିୟା, ପ୍ରସ୍ତୁତି ଏବଂ ଉଦ୍ଧାର କ୍ଷମତାକୁ ଆହୁରି ସୁଦୃଢ଼ କରିବା ସହିତ ବନ୍ୟଜନ୍ତୁ ଓ ସାଧାରଣ ଲୋକଙ୍କ ସୁରକ୍ଷା ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଗଲା।

# ଡେଲାଙ୍ଗରେ ସୁରକ୍ଷିତ ଓଡିଶା ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ

ଡେଲାଙ୍ଗ,୩୦।୯ :(ମନ୍ଥନ)ଓଡିଶା ସରକାର ଏବଂ ଓଡିଶା ଅଗ୍ନିଶମ ସେବା ବିଭାଗ ପକ୍ଷରୁ ରାଜ୍ୟ ବ୍ୟାପି ସ୍ପେସାଲ ଫାୟାର ସେଫ୍ଟି ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ମଧ୍ୟ ଡେଲାଙ୍ଗ ଅଗ୍ନିଶମ ବାହିନୀ ବିଭାଗ ପକ୍ଷରୁ ବିଭିନ୍ନ ଅଂଚଳରେ ସୁରକ୍ଷିତ ଓଡିଶା ବିକଶିତ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଇଛି । ଡେଲାଙ୍ଗ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଗୋପବନ୍ଧୁ ସାହୁଙ୍କ ନେତୃତ୍ୱରେ ସରକାରୀ ଉଚ୍ଚ ବିଦ୍ୟାଳୟ ଡେଲାଙ୍ଗ , ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ, ରାଧାକାନ୍ତ ବିଦ୍ୟାପୀଠ, ମା ବିନ୍ଧ୍ୟବାସିନି ପେଟ୍ରୋଲ ପମ୍ପ, ଶ୍ରୀଅଚ୍ୟୁତ ପେଟ୍ରୋଲ ପମ୍ପ, ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗାଦୀବ୍ରହ୍ମ ଡିଗ୍ରି କଲେଜ ପ୍ରମୁଖ ସମେତ ଡେଲାଙ୍ଗ ଅଂଚଳରେ ଥିବା ବ୍ୟବସାୟୀକ ଏବଂ ସରକାରୀ ପ୍ରତିଷ୍ଠାନ ଗୁଡିକୁ ଅଗ୍ନିକାଣ୍ଡରୁ ସୁରକ୍ଷିତ ରଖିବା ,ଦୃର୍ଘଟଣାମୁକ୍ତ,ସୁରକ୍ଷିତ ପରିବେଶ ସୃଷ୍ଟି କରିବା



,ବିପର୍ଯ୍ୟୟ ସମୟରେ କିପରି ନିଜକୁ ମୁକାବିଲା କରିବା , ଧନ ଜିବନ ର ସୁରକ୍ଷା ଆମର ଦାୟିତ୍ୱ ଉପରେ ସଚେତନତା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆଗ୍ନିକ ପୀତବାସ ସ୍ୱାଇଁ, କେଦାର ବାଗ, ଦୁଷ୍ମନ୍ତ ନାୟକ, ଅଖିଳ ସ୍ୱାଇଁ, ଦୁଷ୍ମନ୍ତ ମହାପାତ୍ର, ଅନିଲ କୁମାର ରାଉତ ପ୍ରମୁଖ ଏହି ସଚେତନତା କର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଅଟଳ ନିର୍ମାଣ ଶ୍ରମିକ ମହାସଂଘର ବୈଠକ ଅନୁଷ୍ଠିତ

ଗୋପ,୩୦।୯ :(ମନ୍ଥନ) ଅଟଳ ନିର୍ମାଣ ଶ୍ରମିକ ମହାସଂଘ, ପୁରୀ ଜିଲ୍ଲାର ଏକ ସାଧାରଣ ପରିଷଦ ବୈଠକ ପୁରୀ ସ୍ଥିତ ଆଖଣ୍ଡଳମଣି ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଅଛି। ମହାସଂଘର କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୁରୀ ଜିଲ୍ଲାରେ ରହିଥିବା ପଞ୍ଜିକୃତ ଶ୍ରମିକ ମାନଙ୍କ ସମସ୍ୟା ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଦଲାଲ ମାନଙ୍କ ପାର୍‌ଦୁଭାବକୁ ନେଇ ଉଦବେଗ ପ୍ରକାଶ ପାଇଥିଲା। ଶ୍ରମ କାର୍ଯ୍ୟାଳୟରେ ସଠିକ ଭାବେ କାର୍ଯ୍ୟ ତୁଲାଇବା ସହ ତଦାରଖ କରିବା ପାଇଁ ମହାସଂଘ ପକ୍ଷରୁ ତିନିଜଣଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଶ୍ରମ କାର୍ଯ୍ୟାଳୟରେ କିଛି ଅଧିକାରୀ ମନମୁଖୀ କାର୍ଯ୍ୟ କରୁଥିବା ଘଟଣାକୁ ବୈଠକରେ ନିନ୍ଦା ପ୍ରକାଶ କରାଯାଇଥିଲା। ଶ୍ରମିକ ମାନଙ୍କ ସମସ୍ୟା ଓ ପଞ୍ଜିକୃତ ଶ୍ରମିକ ମାନଙ୍କ ବିଭିନ୍ନ ସହାୟତା ରାଶି ପ୍ରଦାନ ବିଳମ୍ବ ଘଟଣାକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଯଦି ଏହି କାର୍ଯ୍ୟରେ କିଛି ପରିବର୍ତ୍ତନ ନହୁଏ ତେବେ ମହାସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ମହାସଂଘର ସାଧାରଣ ସମ୍ପାଦକ ମହେଶ୍ୱର ମୁଦୁଲି ମତବ୍ୟକ୍ତ କରିଅଛନ୍ତି। ସେହିପରି କିଛି ପଞ୍ଜିକୃତ ଶ୍ରମିକ ନିଜସ୍ୱ ଘୋଷଣା ପତ୍ରରେ ସ୍ୱାକ୍ଷର କରୁଥିବା ବେଳେ ନିଜେ ଶ୍ରମ କାର୍ଯ୍ୟାଳୟକୁ ନଆସି କିଛି ମଧ୍ୟସ୍ଥିଙ୍କ ମାଧ୍ୟମରେ କାର୍ଯ୍ୟ ହାସଲ କରୁଥିବା ଯାହାକି ନିୟମ ବିରୋଧ ହୋଇଥିବା ବେଳେ ଏହାକୁ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ପ୍ରତିବାଦ କରାଯାଉନଥିବା ଯୋଗୁଁ ମହସଂଘ ପକ୍ଷରୁ ନିନ୍ଦା କରାଯାଇଥିଲା।ଅନୁଷ୍ଠିତ ଏହି ବୈଠକରେ ମହସଂଘର ଉପ ସଭାପତି ବିଚିତ୍ରା କୁମାର ସାହୁଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ରହି ଆଗାମୀ ବୈଠକ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା।ଏହି ବୈଠକରେ ମହାସଂଘର ମହେଶ୍ୱର ମହାରଣା, ପ୍ରଦୀପ୍ତ କୁମାର ବିଶ୍ୱାଳ,ଅଜୟ କୁମାର ଘଡ଼?ଇ, ଗଜେନ୍ଦ୍ର ସାହୁ, ସୁଦର୍ଶନ ପ୍ରଧାନ, ବାଳକୃଷ୍ଣ ବେହେରା, ସଂଯୁକ୍ତା ଦାସ, ଜଟାଧାରୀ ନାୟକ, ବାହାନ ପରିଡ଼ା, ବିଚିତ୍ର ଓଝା, ଶିବ ନାରାୟଣ ମହାରଣା,ନାରାୟଣ ଶିଳ,ସୁରେନ୍ଦ୍ର ବାରିକ, ମଙ୍ଗୁଲି ପାଲଟାସିଂ, ଇନ୍ଦ୍ରମଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇଂ. ଅକ୍ଷୟ କୁମାର ସାମଲଙ୍କୁ ବିକଶିତ ଭାରତ ୨୦୪୭ ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ

ମାହାଙ୍ଗା, ୩୦।୯ :(ମନ୍ଥନ)ନୂଆଦିଲ୍ଲୀ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାହାଙ୍ଗାରୁ ଦିଲ୍ଲୀ ପର୍ଯ୍ୟନ୍ତ ସମାଜସେବା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇଥିବା କଳିଙ୍ଗ ଭାରତୀ ଫାଉଣ୍ଡେସନ୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଇଂ. ଅକ୍ଷୟ କୁମାର ସାମଲଙ୍କୁ କେନ୍ଦ୍ରରାଷ୍ଟ୍ରମନ୍ତ୍ରୀ ସଂଜୟ ସେଠ୍ ବିକଶିତ ଭାରତ ୨୦୪୭ ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ସମାଜସେବା କ୍ଷେତ୍ରରେ ଇଂ. ଶ୍ରୀଯୁକ୍ତ ସାମଲ କେବଳ ମାହାଙ୍ଗା ଅଂଚଳ ନୁହେଁ ଭୁବନେଶ୍ୱର ଠାରୁ ଆରମ୍ଭ କରି ନୂଆଦିଲ୍ଲୀ ପର୍ଯ୍ୟନ୍ତ ଯେଉଁଭଳି କାର୍ଯ୍ୟକରିଛନ୍ତି, ସେଥିପାଇଁ ସେ ବିକଶିତ ଭାରତ ୫୨୦୪୭ ପୁସ୍ତକ ପାଇବାରୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ଭାରତୀ ଫାଉଣ୍ଡେସନ୍ ତରଫରୁ ଡ. ରାଜାରାମ ମହନ୍ତ,ଜାଗୃତୀ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଇଂ. ଶ୍ରୀଯୁକ୍ତ ସାମଲ ଗଣମାଧ୍ୟମକୁ ସୂଚନା ଦେଇଥିଲେ ବିକଶିତ ମାହାଙ୍ଗା ଓ ବିକଶିତ ଓଡ଼ିଶା ପାଇଁ କାର୍ଯ୍ୟ କରିବେ। ଏଥିସହିତ ମାହାଙ୍ଗା ଅଂଚଳରେ ଅଧିକରୁ ଅଧିକ ପରିବେଶ ସୁରକ୍ଷା ଉପରେ ସେ ଗୁରୁତ୍ୱ ପ୍ରଦାନ କରିବେ ବୋଲି କହିଥିଲେ। ଇଂ. ଶ୍ରୀଯୁକ୍ତ ସାମଲ ସମ୍ବର୍ଦ୍ଧିତ ହୋଇଥିବାରୁ ମାହାଙ୍ଗା ଅଂଚଳର ବହୁ ଅନୁଷ୍ଠାନ ତାଙ୍କୁ ବଧାଇ ଜଣାଇଛନ୍ତି।

# ଶହୀଦ ଭଗତ ସିଂହଙ୍କ ଜନ୍ମ ଜୟନ୍ତୀ ପାଳିତ

ଛେଣ୍ଡିପଦା,୩୦।୯ :(ମନ୍ଥନ)ଅଲ୍ ଇଣ୍ଡିଆ ଡି ୱା ଇ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଆପୋଷ ହିନଧରାର ମହାନ କ୍ରାନ୍ତିକାରୀ ଯୋଦ୍ଧା ଶହୀଦ ଶ୍ରେଷ୍ଠ ଭଗତ ସିଂହ ଙ୍କ ଜନ୍ମ ଜୟନ୍ତୀ ପ୍ରତି ବର୍ଷ ଭଳି ୨୮ ସେପ୍ଟେମ୍ବର ୨୦୨୬ ଦିନଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଭୁବନପୁର ଗ୍ରାମ ସ୍ଥିତ ମା ପିତାବଳି ଯୁବକ ସଂଘ ପକ୍ଷରୁ ପାଳିତ ହୋଇଯାଇଛି । ସଂଘ ସଭାପତି ବସନ୍ତ କୁମାର ନାଏକଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା। ସର୍ବ ପ୍ରଥମେ ଶହୀଦ ଭଗତ ସିଂହ ଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ତାଙ୍କର ଜୀବନୀ ନୀତି ଆଦର୍ଶ ଏବଂ ଭାରତ ସ୍ୱାଧିନତା ଆନ୍ଦୋଳନରେ ଥିବା ଯୋଗଦାନ ତଥା ବଳିଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଂଘ ସମ୍ପାଦକ ଲୋକନାଥ ନାଏକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅଲ୍ ଇଣ୍ଡିଆ ଡି ୱାଇ ଓ ଜିଲ୍ଲା ସଂଗଠକ ଦୁଃଖ ବନ୍ଧୁ ବେହେରା ଯୋଗ ଦେଇ ଭଗତ ସିଂହଙ୍କ ଜନ୍ମ ଦିନ ପାଳନର ଆବଶ୍ୟକତା ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ଯୁବ ସମାଜ ଶହିଦ ଭଗତ ସିଂହ ଙ୍କ ଜୀବନୀ ନୀତି ଆଦର୍ଶ ଏବଂ ଦେଶ ପ୍ରତି ଥିବା ବଳିଦାନ ଆଦି ଉପରେ ଅନୁପ୍ରାଣିତ ହୋଇ ଦେଶ ଓ ସମାଜର ବିକାଶ କ୍ଷେତ୍ରରେ



ନିଜକୁ ନିୟୋଜିତ କରିବା ସକାଶେ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ରଣଜିତ ପ୍ରଧାନ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ଭଗତ ସିଂହଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରି କାହିଁକି ସେ ଶହୀଦ ଶ୍ରେଷ୍ଠ ହୋଇଥିଲେ, ଏବଂ ଭଗତ ସିଂହଙ୍କ ଅପୂରଣୀୟ ସ୍ୱପ୍ନକୁ ସାକାର କରିବା ପାଇଁ ଅନ୍ୟାୟ ଅତ୍ୟାଚାର ବିରୋଧରେ ଲଢ଼େଇ କରିବାକୁ ଶପଥ ନେବା ସହ ଆହ୍ୱାନ ଦେଇଥିଲେ। ଜନସାଧାରଣଙ୍କ ଭିଟାମାଟି, ଜମି ,ଜଳ, ଜଙ୍ଗଲ ଖଣିଜ ସମ୍ପଦକୁ ଘରୋଇ କମ୍ପାନୀ ମାନଙ୍କୁ ଶାଗ,ମାଛ ଦରରେ ଟେକି ଦେଇ ଦାଣ୍ଡର ଭିକାରୀ କରିବାକୁ ଯୋଜନା କରିଛନ୍ତି। ସ୍ଥାନୀୟ ଯୁବକ ମାନଙ୍କୁ ନିଯୁକ୍ତି ନାହିଁ। ବରଂ ଆଜି ସମାଜରେ ଯୁବକ ମାନଙ୍କୁ ନଷ୍ଟ କରିବା ପାଇଁ ସରକାର ମଦ, ଡ୍ରଗସ୍ ଅଶ୍ଳୀଳତା ଆଦି ବ୍ୟାପକ ପ୍ରଚାର ପ୍ରସାର କରିବା ସହ ଯୁବ ସମାଜକୁ ବିପଥ ଗାମୀ ନଷ୍ଟ ଭ୍ରଷ୍ଟ କରୁଛନ୍ତି । ଏଥିପାଇଁ ସେହି ଅଂଚଳରେ ମହାମନିଷୀ ମାନଙ୍କ ବିଷୟରେ ଚର୍ଚ୍ଚା ଆଲୋଚନା କରି ଉନ୍ନତ ସାଂସ୍କୃତିକ ପରିବେଶ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ତ୍ରିଲୋଚନ ନାଏକ,ତରଣୀ ସେନ ନାଏକ, ରାକେଶ ନାଏକ, ଶୁଭଙ୍କର ନାଏକ, ଯୁଧିଷ୍ଠିର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଦସ୍ୟ ସମୀର କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଆଇନ ମଦ ବ୍ୟବସାୟକୁ ବିରୋଧ କରିବାରୁ ତିନି ଯୁବକଙ୍କ ଉପରେ ଆକ୍ରମଣ

କବିସୂର୍ଯ୍ୟନଗର,୩୦।୯ :(ମନ୍ଥନ)ବେଆଇନ ମଦ ବ୍ୟବସାୟକୁ ବିରୋଧ କରିବାରୁ ତିନି ଯୁବକଙ୍କ ଉପରେ ଆକ୍ରମଣ। ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗ, ଆଉ ଦୁଇ ଯୁବକଙ୍କ ହାତ ଓ ଗୋଡ଼ ଭାଙ୍ଗିଥିବା ସୂଚନା। ଘଟଣାକୁ ନେଇ ଅଞ୍ଚଳରେ ଉତ୍ତ?ଜନା।କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଡ଼ଆଗୁଲ-ଗଙ୍ଗାପୁର ମଧ୍ୟରାସ୍ତାରେ ଥିବା ଏକ ବେଆଇନ ମଦ ଦୋକାନ ନିକଟରେ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଗୁରୁତର ଜଣେ ଯୁବକଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଏଯାଏଁ ଥାନାରେ ମାମଲା ରୁଜୁ ହୋଇନଥିବା ସୂଚନା ରହିଛି ।କବିସୂର୍ଯ୍ୟନଗର ଥାନା ଅଧୀନ ବଡ଼ଆଗୁଲ-ଗଙ୍ଗାପୁର ରାସ୍ତାରେ ଥିବା ଏକ ବେଆଇନ ମଦ ଦୋକାନକୁ ନେଇ ବିରୋଧ



କରିବାରୁ ଏହି ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି ।ଆକ୍ରମଣରେ ତିନି ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଥିବା ବେଳେ ଅନ୍ୟ ଯୁବକମାନଙ୍କ ହାତ ଓ ଗୋଡ଼ ଭାଙ୍ଗିଥିବା ଅଭିଯୋଗ ରହିଛି ।ଗୁରୁତର ଆହତମାନଙ୍କୁ ପ୍ରଥମେ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ସେଠାରେ ଜଣେ ଯୁବକଙ୍କ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି ।ଘଟଣା ପରେ ଅଞ୍ଚଳରେ ଉତ୍ତ?ଜନା ଦେଖାଦେଇଛି। ତେବେ ଘଟଣା ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ପୋଲିସ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ସୂଚନା ରହିଛି ।ବେଆଇନ ମଦ ବ୍ୟବସାୟକୁ ବିରୋଧ କରିବାରୁ ଯୁବକମାନଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ରହିଛି। ଘଟଣାରେ ଆହତମାନଙ୍କ ଚିକିତ୍ସା ଚାଲିଛି। ଏନେଇ ପୋଲିସର ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଓ ଦୋଷୀଙ୍କ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିପାରେ ।

# ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ଭଦ୍ରେଶ୍ୱର ଥାନା ଅଧିକାରିଣୀଙ୍କ ଉଦ୍ୟମକୁ ସ୍ୱାଗତ

ମାହାଙ୍ଗା,୩୦।୯ :(ମନ୍ଥନ)କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ରେ ଦୀର୍ଘ ଦେଢ଼ ବର୍ଷ ହେବ ଦାୟିତ୍ୱ ଗ୍ରହଣ କରିଥିବା ମହିଳା ଆଇ ଆଇ ସି ସନ୍ଧ୍ୟାରାଣୀ ସିଂହଙ୍କ କାର୍ଯ୍ୟକୁ ନେଇ ଏବେ ସାଧାରଣଜନତା ତାଙ୍କର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଭଦ୍ରେଶ୍ୱର ଥାନା ଅଂଚଳ ବିଗତ ଦିନରେ ଅପରାଧୀଙ୍କ ଭୂସ୍ୱର୍ଗ ପାଲଟିଥିଲା। ଗୋଟିଏ ପଟରେ କେନ୍ଦ୍ରାପଡା ଜିଲ୍ଲାର ଅପରାଧୀମାନେ ଅପରାଧମୂଳକ କାର୍ଯ୍ୟକରି ସହଜରେ ଖସିଆସି ଭଦ୍ରେଶ୍ୱର ଥାନା ଅଂଚଳରେ ନିର୍ଭୟରେ ଲୁଚି ରହୁଥିଲେ। ଏହି ଥାନା ଅଂଚଳରେ ୧୦ଟି ପଂଚାୟତରେ ଡକାୟତି , ରହାଜାନି ଓ ମଦ୍ୟପାନ କରି ଗାଡି ଚଳାଇବା ବହୁମାତ୍ରାରେ କମିବାରେ ଲାଗିଛି। ଏପରିକି ଚଳିତବର୍ଷ ଗଣେଶ ଭଷାଣୀ ସମୟରେ ବିଭିନ୍ନ ପୂଜାକମିଟିର ସଦସ୍ୟ ଓ କର୍ମକର୍ତ୍ତାମାନଙ୍କୁ ନେଇ ଥାନା ପରିସରରେ ଏକ ବୈଠକ କରାଇବା ସହ ଡିଜେ ବାଜିବାକୁ ସଂପୂର୍ଣ୍ଣ ବନ୍ଦ କରିବାରେ ଥାନା ଅଧିକାରିଣୀ ସଫଳ ହୋଇଥିଲେ। ଯାହା ଫଳରେ ଭଷାଣୀ ସମୟରେ ମଦ୍ୟପାନ କରାଯାଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନଥିଲା। ଏପରିକି ରାତ୍ର ୧୦ଟା ମଧ୍ୟରେ ସମସ୍ତ ଗଣେଶ ଭଷାଣୀ ଶେଷ ହୋଇଥିଲା।

# ଚଣ୍ଡିଖୋଲ ଛକ ଠାରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପ୍ରଭାବ

ଚଣ୍ଡିଖୋଲ, ୩୦।୯ :(ମନ୍ଥନ)ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଡକା ଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ବ୍ୟାପକ ପ୍ରଭାବ ଆଜି ଚଣ୍ଡିଖୋଲ ଛକରେ ଦେଖିବାକୁ ମିଳିଛି। ସକାଳ ୬,ଟାରୁ ଆରମ୍ଭ ହୋଇଥିବା ଏହି ବନ୍ଦ ସନ୍ଧ୍ୟା ୬,ଟା ପର୍ଯ୍ୟନ୍ତ ଚାଲିବ। ସକାଳ ୬,ଟାରୁ ଚଣ୍ଡିଖୋଲ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଶହ ଶହ ଆନ୍ଦୋଳନକାରୀ ବସି ରାସ୍ତାରୋକ କରିଛନ୍ତି। ରାସ୍ତା ଉଭୟ ପାର୍ଶ୍ୱରେ ଲମ୍ବା ଲାଇନ୍ ଲାଗିଛି। ଟ୍ରକ୍, ବସ୍, ଘରୋଇ ଗାଡି, ସ୍କୁଲ୍ ଗାଡି ସବୁ ଅଟକି ରହିଛି। ଯାତ୍ରୀମାନେ ଖରାରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି, ଅନେକ ରୋଗୀବାହୀ ଗାଡିକୁ ବହୁ କଷ୍ଟରେ ଛଡା ଯାଉଛି।ଏହି ବନ୍ଦର ମୁଖ୍ୟ କାରଣ ହେଉଛି ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି। ନବ ନିର୍ମାଣ କୃଷକ ସଂଗଠନ ଏବଂ ନବ ନିର୍ମାଣ ଯୁବ ଛାତ୍ର ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ଅଭିଯୋଗ ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୬୭୮ ଟି ଭୁଲ୍ ଚିହ୍ନଟ ହୋଇଛି। ଇତିହାସ, ଭୂଗୋଳ, ବିଜ୍ଞାନ ବହିରେ ତଥ୍ୟଗତ ଭୁଲ, ବନାନ ଭୁଲ, ଏପରିକି ମହାପୁରୁଷଙ୍କ ନାମରେ ଭୁଲ ରହିଥିବା ସେ ଦାବି କରିଛନ୍ତି। ଏହା ପିଲାମାନଙ୍କ ଭବିଷ୍ୟତ ସହ ଖେଳ ବୋଲି ସଂଗଠନ କହିଛି ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଭୁଲ୍ ଥିବା ସ୍ୱୀକାର କରିସାରିଛନ୍ତି, ହେଲେ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପରେ କାର୍ଯ୍ୟାନୁଷ୍ଠାନ



ନିଆଯାଇ ନାହିଁ। ସଂଗଠନର ୬ ଦଫା ଦାବି ମଧ୍ୟରେ ମନ୍ତ୍ରୀଙ୍କ ଇସ୍ତଫା, ଭୁଲ୍ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ତୁରନ୍ତ ବହି ସଂଶୋଧନ କରି ନୂଆ ବହି ବାଣ୍ଟିବା ପ୍ରମୁଖ ରହିଛି ।ଆଜି ଚଣ୍ଡିଖୋଲ ଛକରେ କେବଳ କୃଷକ ସଂଗଠନ ନୁହେଁ, ନବ ନିର୍ମାଣ ଯୁବ ଛାତ୍ର ସଂଗଠନ, ସ୍ଥାନୀୟ ଅଟୋ ସଂଘ, ବ୍ୟବସାୟୀ ସଂଘ ଏବଂ ଅନେକ ସ୍ୱେଚ୍ଛାସେବୀ ସଂଗଠନ ସାମିଲ୍ ହୋଇଛନ୍ତି ବୋଲି ସୂଚନା ଦେଇଛନ୍ତି। ସେମାନେ ଟାୟାର ଜାଳି ଓ ସରକାର ବିରୋଧୀ ନାରାବାଜି କରି ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଭୁବନେଶ୍ୱର ବରମୁଣ୍ଡା, କଟକ, ବ୍ରହ୍ମପୁର ସହ ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଛି ।ଅନ୍ୟପଟେ ଏହି ପ୍ରସଙ୍ଗକୁ ନେଇ ରାଜନୀତି ମଧ୍ୟ ଜୋର ଧରିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ଅକ୍ଟୋବର ୮ ତାରିଖରେ ପୁଣି ଆଉ ଏକ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛି ।ବନ୍ଦ ପୂର୍ବରୁ ଗୃହ ବିଭାଗ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆଇନ ଶୃଙ୍ଖଳା ବଜାୟ ରଖିବାକୁ କହିଛି। ପୋଲିସ୍ ମୁତୟନ କରାଯାଇଛି। ତେବେ ଇଝରେ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବନ୍ଦ ହେତୁ କୌଣସି ପରୀକ୍ଷା ବାତିଲ୍ ହେବ ନାହିଁ, ସବୁ ପରୀକ୍ଷା ନିର୍ଦ୍ଧାରିତ ସମୟରେ ହେବ। ଜରୁରୀକାଳୀନ ସେବା ଯେପରି ହସ୍ପିଟାଲ, ଆମ୍ବୁଲାନ୍ସ, ଫାୟାର ସର୍ଭିସ୍ କୁ ବନ୍ଦରୁ ବାଦ୍ ଦିଆଯାଇଛି।

# ଚାଷ ଉଜୁଡ଼ିଲା, ହତାଶ ହେଲେ ଚାଷୀ ଯାଜପୁର ରେ କ୍ଷତି ପୁରଣ ଅପେକ୍ଷା ଅନ୍ନଦାତା

ଚଣ୍ଡିଖୋଲ,୩୦।୯ :(ମନ୍ଥନ)/୯ ବନ୍ୟା ବାତ୍ୟା ଓ ଲଘୁଚାପ ବର୍ଷା ରେ ପୁଣି ଉଜୁଡିଲା ଚାଷ ଜମି, ହତାସହୋଇ ପଡ଼ିଛି ଚାଷୀ, ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି,ସୂଚନା ଅନୁସାରେ ଯାଜପୁର ଜିଲ୍ଲା ରେ ଧର୍ମଶାଳା ଓ ରସୁଲପୁର ବ୍ଲକ ର ସହ ସହ ଚାଷୀ କେବଳ ଚାଷ ଜମି ଉପରେ ନିର୍ଭର କରନ୍ତି, ଋଣ, କରଜ କରି ଚାଷ କାର୍ଯ୍ୟ ରେ ପୁଞ୍ଜି ବିନିଯୋଗ କରିଥିଲେ ତାହା କିଛି ଲାଭ



ପାଇବେ ବୋଲି, ହେଲେ ପ୍ରକୃତି ର ତାଣ୍ଡବ ରେ ସବୁ ସ୍ୱପ୍ନ ଭାଙ୍ଗି ଯାଇଛି, ଧାନ ଫସଲ ସମ୍ପୂର୍ଣ ନଷ୍ଟ ହୋଇଯାଇଛି, ବିଲ ରେ ପାଣି ଜମି ରହିଛି ଚାଷୀ ଙ୍କ ଅଭିଯୋଗ ହେଉଛି ସରକାର ସବୁବେଳେ ମିଛ ପ୍ରତିଶ୍ରୁତି ଦେଇ ଆସୁଛନ୍ତି, କ୍ଷତି ପୂରଣ ବୀମା ଟଙ୍କା କିମ୍ବା ସହାୟତା କିଛି ମିଳୁନାହିଁ, ଦେଶର ମେରୁଦଣ୍ଡ କୁହା ଯାଉଥିବା ଚାଷୀ ମେରୁଦଣ୍ଡ ଆଜି ଜାଣିଶୁଣି ଭଙ୍ଗା ଯାଉଛି ବୋଲି ସଧାରଣ ରେ ଚର୍ଚ୍ଚା ହେଉଛି ଏ ନେଇ ବାରମ୍ବାର ଜିଲ୍ଲାପାଳ ଙ୍କୁ ଲିଖିତ ନିବେଦନ୍ କରାଯାଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନ ହୋଇନାହିଁ,ଫଳରେ ଚାଷୀ ମହଲ ରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି,ଆଜି ସରକାର ଙ୍କ ପାଖରେ ଚାଷୀ ଙ୍କ ପ୍ରଶ୍ନ, କେବେ ଭାଙ୍ଗିବ ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ନିଦ କେବେ ମିଳିବ ନ୍ୟାଯ୍ୟ ସହାୟତା ପ୍ରଶାସନ ତୁରନ୍ତ ଫସଲ ର କ୍ଷୟକ୍ଷତି ର ଆକଳନ କରି ଚାଷୀ ଙ୍କୁ ଉଚିତ୍ କ୍ଷତି ପୁରଣ ଯୋଗାଇ ଦେବାକୁ ଅଞ୍ଚଳ ବାସି ଦାବି କରିଛନ୍ତି



# ସ୍ୱର୍ଗତ ନାରାୟଣ ସିଂହ ଥିଲେ ଏକ ଦରଦୀ ହୃଦୟର ମଣିଷ

ମାହାଙ୍ଗା,୩୦।୯ :(ମନ୍ଥନ) ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ବାଲିପଡା ଠାରେ ସ୍ୱର୍ଗତ ନାରାୟଣ ସିଂହଙ୍କର ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ସମାଜସେବୀ ଯୋଗେଶ ଚନ୍ଦ୍ର କୁଅଁର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଶ୍ରୀ ଜଗନ୍ନାଥ ଏବଂ ସ୍ୱର୍ଗତ ନାରାୟଣ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏକ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଗୀତା ପାଠ କରିଥିଲେ। ଏହି ଉତ୍ସବରେ ସାହିତ୍ୟିକ ଗୌତମ ଚରଣ ଜେନା ମଂଚ ପରିଚାଳନା କରିଥିଲେ। ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଅବସରପ୍ରାପ୍ତ ଶିକ୍ଷକ ଡ. ଜୟରାମ ସ୍ୱାଇଁ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଜନାର୍ଦ୍ଦନ ରାଉତ, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ପୂର୍ବତନ ସରପଂଚ ଭାଗବତ ସେଠୀ, ବାଲ୍ୟବନ୍ଧୁ ସୁବଳୀ ଚରଣ ସାହୁ। କବି ପ୍ରଫୁଲ୍ଲ କୁମାର ସିଂହ, ଚନ୍ଦନ କୁମାର ସିଂହ, ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ପତି, ଯତିନ୍ଦ୍ରନାଥ ସାମଲ, ସହପାଠୀ ସରୋଜ କାନ୍ତ ପ୍ରହରାଜ, ଶିବପ୍ରସାଦ ଭୂୟାଁ, ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ସ୍ତମ୍ଭକାର ବିବେକାନନ୍ଦ ଦାସ, ସାମ୍ବାଦିକ ବିଜୟ କୁଅଁର, ଅବସରପ୍ରାପ୍ତ ଏଲ୍ଆଇସି ଅଧିକାରୀ ପ୍ରଦିପ୍ତ କୁମାର ସାହୁ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ତ୍ରିଲୋଚନ ପ୍ରଧାନ, ନିଶ୍ଚିନ୍ତକୋଇଲିର ପ୍ରାକ୍ତନ ସରପଂଚ ଦେବେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାରାୟଣ ସିଂହଙ୍କ ସଂପର୍କରେ ଆଲୋକପାତ କରିବା ସହ ସେ ଜଣେ ଦରଦୀ ହୃଦୟର ମଣିଷ ବୋଲି ବକ୍ତାମାନେ ମତ ଦେଇଥିଲେ। ଯନ୍ତ୍ରଣା ରହିତ ମୃତ୍ୟୁ ହିଁ ସଫଳ ମୃତ୍ୟୁ। ଯାହା ସ୍ୱର୍ଗତ ନାରାୟଣ ସିଂହଙ୍କ କ୍ଷେତ୍ରରେ ଘଟିଛି ବୋଲି ଅତିଥିମାନେ ମତ ଦେଇଥିଲେ। ପୁତ୍ର ରାକେଶ କୁମାର ସିଂହ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରବିନ୍ଦ୍ର କୁମାର ସିଂହ, ତପନ କୁମାର ସିଂହ, ଦାମୋଦର ସିଂହ, କ୍ଷୀରୋଦ ପ୍ରସାଦ ସିଂହ, ମନୋରଂଜନ ସିଂହ, ବିକ୍ରମ ସିଂହ, ସୁଚିତ୍ରା ସିଂହ, ଚନ୍ଦନା ସିଂହ, ବନ୍ଦନା ସିଂହ ପ୍ରମୁଖ ସହଯୋଗ କରିଥିଲା ବେଳେ ଏହି ଶୋକ ସଭାରେ ସ୍ୱର୍ଗତ ନାରାୟଣ ସିଂହଙ୍କର ବହୁ ବନ୍ଧୁ ଓ ବାଲ୍ୟବନ୍ଧୁ ସମେତ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସ ପାଇଁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୩୦।୯ :(ମନ୍ଥନ) ଅନୁଗୋଳ ଜିଲ୍ଲାପାଳ ଶ୍ରୀ ଅବଦାଲ ମୁହମ୍ମଦ୍ ଅଖତରଙ୍କରଅକ୍ଟୋବର, ନଭେମ୍ବ ର ଓ ଡିସେମ୍ବର ମାସ ପାଇଁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି ।ଏଥ?ିରେ ଜିଲ୍ଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନଙ୍କ ସମେତ ବିଭିନ୍ନ ବିଭାଗରଅଧିକାରୀମାନେ ଯୋଗ ଦେବେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅକ୍ଟୋବର ମାସ ୫ ତାରିଖ(ସୋମବାର) ପୂର୍ବାହ୍ନ ୧୦ ଘଟିକା ସମୟରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ତାଳଚେର ବ୍ଲକକାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥ?ିବାବେଳେ ୧୨ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକାସମୟରେ ଛେଣ୍ଡିପଦା ବ୍ଲକ୍? କାର୍ଯ୍ୟାଳୟ, ୨୬ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ସେହିପରି ନଭେମ୍ବର ମାସ ୨ ତାରିଖ(ସୋମବାର) ପୂର୍ବାହ୍ନ ୧୦ ଘଟିକା ସମୟରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ, ୯ ତାରିଖ(ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ କଣିହାଁ ବ୍ଲକ କାର୍ଯ୍ୟାଳୟ, ୧୬ ତାରିଖ (ସୋମବାର) ପୂର୍ବାହ୍ନ୧୦ଘଟିକା ସମୟରେ ବଅଁରପାଳ ବ୍ଲକ୍ କାର୍ଯ୍ୟାଳୟ, ୨୩ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକାସମୟରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ, ୩୦ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେତାଳଚେର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ସେହିପରି ଡିସେମ୍ବର ମାସ ୭ ତାରିଖ(ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ୧୪ ତାରିଖ (ସୋମବାର)ପୂର୍ବାହ୍ନ ୧୦ଘଟିକା ସମୟରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ, ୨୧ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକାସମୟରେ କିଶୋରନଗର ବ୍ଲକ୍ କାର୍ଯ୍ୟାଳୟ, ୨୮ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେବଅଁରପାଳ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳରଜନସାଧାରଣ ଯୋଗ ଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନତରଫରୁଜଣାଇ ଦିଆଯାଉଛି ।

# ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ ପାଳିତ

ଅନୁଗୋଳ,୩୦।୯ :(ମନ୍ଥନ)ଗତକାଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ ଗୃହ ଠାରେଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ ପାଳନ ହୋଇଯାଇଛି । ଏହି ଅବସରରେଆୟୋଜିତ ସଚେତନତା ବୈଠକରେ କାର୍ଯ୍ୟବ୍ୟସ୍ତତା ଓ ମାନସିକ ଚାପ ଯୋଗୁଁଯୁବ ପିଢି ଭୁଲ ନିଷ୍ପତ୍ତି ନ ନେଇ ସୁନ୍ଦର ଜୀବନ ଗଢିବାକୁ ସେ ପରାମର୍ଶ ଦେଇଥିଲେ। ମନସ୍ତତ୍ତ୍ୱବିତ୍ ଡ.ରଶ୍ମିତା ଭଞ୍ଜଦେଓ ମାନସିକ ରୋଗର ଲକ୍ଷଣ, ପ୍ରତିରୋଧ ଓନିୟନ୍ତ୍ରଣ ସମ୍ପର୍କରେ ବୁଝାଇଥିଲେ । ସେହିଭଳି ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟଅଧିକାରୀ (ରୋଗ ନିୟନ୍ତ୍ରଣ) ଡ.ଧନଞ୍ଜୟ ବେହେରା ବିଫଳତା ହିଁ ସଫଳତାର ମୂଳଚାବିକାଠି ବୋଲି କହିଥିଲେ । ସମାଜରୁ ଅନ୍ଧବିଶ୍ୱାସ ଦୂର କରି ସରକାରଙ୍କ ଦ୍ୱାରାଉପଲବ୍ଧ ମାଗଣା



ଚିକିତ୍ସା ଓ ପରାମର୍ଶ ଗ୍ରହଣ କରିବାକୁ ବୈଠକରେ ମତପ୍ରକାଶପାଇଥିଲା । ଏହି ବୈଠକରେ ମାନସିକ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତାଙ୍କ ସହ ସେବାକଲେଜ ଅଫ୍ ନର୍ସିଂ ଓ ଦିବ୍ୟ କଲେଜ ଅଫ୍ ନର୍ସିଂର ଛାତ୍ର ଛାତ୍ରୀମାନେ ଉପସ୍ଥିତଥିଲେ । କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶ୍ରୀମତୀପୁଷ୍ପଲତା ପ୍ରଧାନ ସଂଯୋଜନା କରିଥିଲେ ।

# ଗ୍ୟାରେଜରୁ ଜଣେ ଶିଶୁଶ୍ରମିକ ଉଦ୍ଧାର

ବ୍ରହ୍ମଗିରି,୩୦।୯ :(ମନ୍ଥନ)ବୁଧବାର ଦିନ ପୁରୀ ଜିଲ୍ଲା ଶ୍ରମ ଅଧିକାରୀ ଓ ବ୍ରହ୍ମଗିରି ପୋଲିସ ମିଳିତ ଭାବରେ ବ୍ରହ୍ମଗିରି ବଜାରରେ ଚଢ଼ାଉ କରିଥିଲେ । ଚଡାଉ ସମୟରେ ଜଣେ ଶିଶୁ ଶ୍ରମିକକୁ ଉଦ୍ଧାର କରିଛନ୍ତି । ବ୍ରହ୍ମଗିରି ବଜାରରେ ଶିଶୁ ଶ୍ରମିକ ନିୟୋଜିତ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିଲା । ଆଜି ମିଳିତ ଭାବରେ ବଜାରରେ ବିଭିନ୍ନ ହୋଟେଲ ଓ ଗାଡି ଗ୍ୟାରେଜରେ ଉପରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ଜଣେ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣେ ଶିଶୁଶ୍ରମିକ ଖସି ପଳାଇଛନ୍ତି ଓ ଜଣଙ୍କୁ ନୋଟିସ କରି ଛାଡି ଦିଆଯାଇଛି । ଉଦ୍ଧାର ଶିଶୁ ଶ୍ରମିକର ନିଜ ଘର ଖୋର୍ଦ୍ଧା ଜିଲ୍ଲା ରେ ହୋଇଥିବା ବେଳେ ବ୍ରହ୍ମଗିରୀରେ ଗୋଟିଏ ବାଇକି ଗ୍ୟାରେଜରେ କାମ କରୁଥିଲା । ଶିଶୁ ଶ୍ରମିକକୁ ଉତ୍ତଉ କୁ ହସ୍ତାନ୍ତର କରାଯିବ କହିଛନ୍ତି ପୁରୀ ଜିଲ୍ଲା ଅତିରିକ୍ତ ଶ୍ରମ ମଙ୍ଗଳ ଅଧିକାରୀ ।

# ବ୍ରହ୍ମଗିରି ରେ ଓଡ଼ିଶା ବନ୍ଦ ପ୍ରଭାବଶୁନ୍ୟ

ବ୍ରହ୍ମଗିରି,୩୦।୯ :(ମନ୍ଥନ)ଓଡିଶା ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସମେତ ୬ ଦଫା ଦାବି ନେଇ ନବନିର୍ମାଣ ଯୁବଛାତ୍ରସଂଗଠନର ଆନ୍ଦୋଳନ ଜାରି ରହିଛି। ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବୁଧବାରସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ‘ଓଡ଼ିଶା ବନ୍ଦ’ ଡା ଡାକରା ଦିଆଯାଇଛି । ବ୍ରହ୍ମଗିରି ରେ ଓଡ଼ିଶା ବନ୍ଦ ପ୍ରଭାବଶୁନ୍ୟ ଦେଖିବାକୁ ମିଳିଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ୧୬୭୮ଟି ତ୍ରୁଟି ଥିବା ସଂଗଠନ ଅଭିଯୋଗ କରିଆସୁଛି। ଏହି ପ୍ରସଙ୍ଗରେ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଥିଲେ ମଧ୍ୟ ସରକାର ଆଲୋଚନା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଇନଥିବା ସଂଗଠନ ଦାବି କରିଥିଲେ। ଏହାର ପ୍ରତିବାଦରେ ବନ୍ଦ ଡାକରା ଦିଆଯାଇଥିଲା ହେଲେ ଏହାର କିଛିବି ପ୍ରଭାବ ବ୍ରହ୍ମଗିରି ରେ ପଡିନ ଥିବା ଦେଖିବାକୁ ମିଳୁଛି ।ବନ୍ଦକୁ ସଫଳ କରିବା ପାଇଁ ଦୋକାନ ବଜାର ବନ୍ଦ ରଖୁବ ଖୁବା ସହ ଗାଡ଼ି ଚଳାଚଳ ବନ୍ଦ କରି ସହଯୋଗ କରିବାକୁ କରିବାକୁ ସେ ରାଜ୍ୟବାସୀଙ୍କୁ ନିବେଦନ କରିଥିଲେ। ଏଥିସହ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତପ ଇସ୍ତଫା ଦିଅନ୍ତୁ କିମ୍ବା ସରକାର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସଂଗଠନ ଦାବି କରିଥିଲା ।

# ଗାଧୋଇବାକୁ ଯାଇ ଚାଲିଗଲା ଜୀବନ

ମୋରଡ଼ା,୩୦।୯ :(ମନ୍ଥନ) :ଗାଧୋଇବାକୁ ଯାଇ ଚାଲିଗଲା ଜୀବନ। ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଜମ୍ବିରା ଫାଣ୍ଡି ଅଧୀନ ଶୁଳିଆପଦା ବ୍ଲକ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଟଲକଚୁଇଁ ଗ୍ରାମରେ ଏକ ହୃଦୟ ବିଦାରକ ଘଟଣା ଘଟିଛି । ଟଲକଚୁଇଁ ଗ୍ରାମର ହାଡିବନ୍ଧୁ ରାଜଙ୍କ ପୁତ୍ର ଶଶିଧର ରାଜ (୫୦) ନିଜ ସ୍ତ୍ରୀଙ୍କ ସହ ଘର ପାଖରେ ଥିବା ନୂଆ ବନ୍ଧ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। କେନାଲରେ ପାଣି ପ୍ରବାହିତ ହେଉଥିବା ସମୟରେ ଗାଧଉଥିବା ବେଳେ ହଠାତ୍ ତାଙ୍କର ପାଦ ଖସି ଯାଇଥିଲା ଏବଂ ସେ ପାଣିରେ ବୁଡି ଯାଇଥିଲେ। ସ୍ୱାମୀଙ୍କୁ ବୁଡିଯିବା ଦେଖି ସ୍ତ୍ରୀ ଚିତ୍କାର କରିବା ସହ କୌଣସି ମତେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପାଣିରୁ ଉଦ୍ଧାର କରିଥିଲେ। ତୁରନ୍ତ ଆମ୍ବୁଲାନ୍ସ ଏବଂ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ସାହାଯ୍ୟରେ ଶଶିଧରଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଏହି ଘଟଣାକୁ ନେଇ ଚାନ୍ଦୁଆ ଥାନାରେ ଅପମୃତ୍ୟୁ ମାମଲା ନଂ ୩୩ ରୁଜୁ ହୋଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

# ସିସିକ୍ୟୁସି ୨୦୨୬ରେ ଟିପିଡବ୍ଲ୍ୟୁଓଡିଏଲ୍‌କୁ ୨୧ ସ୍ୱର୍ଣ୍ଣ ଓ ୫ ରୌପ୍ୟ ପୁରସ୍କାର

ବୁର୍ଲା, ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ସିସିକ୍ୟୁସି୨୦୨୬ରେ ୨୧ଟି ସ୍ୱର୍ଣ୍ଣ ଏବଂ ୫ଟି ରୌପ୍ୟ ପୁରସ୍କାର ହାସଲ କରିଛି। କମ୍ପାନୀ ପକ୍ଷରୁ ଅଂଶଗ୍ରହଣ କରିଥିବା ସମସ୍ତ ୨୬ଟି ଟିମ୍ ନିଜର ଗୁଣାତ୍ମକତା ଓ ଉନ୍ନତିମୂଳକ ପ୍ରକଳ୍ପ ପାଇଁ ସ୍ୱୀକୃତି ଲାଭ କରିଛନ୍ତି। ଏହି ସଫଳତାକୁ ଆହୁରି ଗୌରବମୟ କରି ‘ଟିମ୍ ଅର୍ଥସିଦ୍ଧି’ କାଇଜେନ୍ ବର୍ଗରେ ସମ୍ମାନଜନକ ଜେକେ ଦାସ ରୋଲିଂ ଟ୍ରଫି – ସ୍ୱର୍ଣ୍ଣ ପୁରସ୍କାର ହାସଲ କରିଛି ।କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁସିଏଫ୍ଆଇ) ପକ୍ଷରୁ ଆୟୋଜିତ ୩୪ତମ ରାଉରକେଲା ଚାପ୍ଟର କନଭେନସନ୍ ଏବଂ ୮ମ ଭୁବନେଶ୍ୱର ଚାପ୍ଟର କନଭେନସନ୍ ସେପ୍ଟେମ୍ବର ୨୬ ଓ ୨୭ ତାରିଖରେ ଯଥାକ୍ରମେ ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି) ଏବଂ ଭୁବନେଶ୍ୱରସ୍ଥିତ ସୋଆ ୟୁନିଭର୍ସିଟିରେ ଅନୁଷ୍ଠିତ ହୋଇଥିଲା। “ଗୁଣାତ୍ମକତା ମାଧ୍ୟମରେ ସ୍ଥାୟୀ ବିକାଶ ଓ ଆତ୍ମନିର୍ଭରଶୀଳତା ପାଇଁ ନେତୃତ୍ୱ” ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ବିଭିନ୍ନ ସଂସ୍ଥାର ଟିମ୍‌ମାନେ ନିଜର ଉନ୍ନତିମୂଳକ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଏଥିସହ ଗୁଣାତ୍ମକତା, ଉତ୍ପାଦକତା ଓ କାର?ୟଦକ୍ଷତା ବୃଦ୍ଧି ପାଇଁ ବ୍ୟବହାରିକ ପଦକ୍ଷେପ ପ୍ରଦର୍ଶନ କରିଥିଲେ ।ଟିପିଡବ୍ଲ୍ୟୁଓଡିଏଲ୍‌ର ବିଭିନ୍ନ ବ୍ୟବସାୟିକ ବିଭାଗ ଯଥା ଅପରେସନ୍ସ, ଟେକ୍ନିକାଲ୍ ସର୍ଭିସେସ୍, କମର୍ସିଆଲ୍, ଆଇଟି, ଫାଇନାନ୍ସ, ଡିଏସ୍ଏସ୍, କଣ୍ଟ୍ରାକ୍ଟସ୍ ଏବଂ




ଷ୍ଟୋର୍ସରୁ ଟିମ୍‌ମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ପ୍ରକଳ୍ପରେ ଫିଡର୍ ଓ ନେଟୱର୍କର ବିଶ୍ୱସନୀୟତା ବୃଦ୍ଧି, ଏସ୍ଏଆଇଡିଆଇ ଓ ଏସ୍ଆଇଏଫ୍ଆଇ ହ୍ରାସ, ଗ୍ରାହକ ଅଭିଯୋଗର ଅନୁପାଳନ ବ୍ୟବସ୍ଥା ସୁଦୃଢ଼ କରିବା, ଇନ୍?ଭେଣ୍ଟୋରିର ସୁପରିଚାଳନା, ଭୋଲ୍ଟେଜ୍ ପ୍ରଦର୍ଶନରେ ଉନ୍ନତି, ସୁରକ୍ଷା ପଦକ୍ଷେପକୁ ଅଧିକ ସୁଦୃଢ଼ କରିବା ଏବଂ କ୍ଷେତ୍ରସ୍ତରୀୟ ଓ ଗ୍ରାହକକୈନ୍ଦ୍ରିକ କାର୍ଯ୍ୟପ୍ରଣାଳୀକୁ ସୁଦୃଢ଼ କରିବା ପାଇଁ ଡିଜିଟାଲ୍ ସମାଧାନ ବିକଶିତ କରିବା ଭଳି ବିଭିନ୍ନ ବ୍ୟବସାୟିକ ଓ ପରିଚାଳନାଗତ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସମ୍ମିଳନୀରେ ‘ଟିମ୍ ଅର୍ଥସିଦ୍ଧି’ର ପ୍ରକଳ୍ପ ବିଶେଷ ଉଲ୍ଲେଖନୀୟ ରହିଥିଲା। ଓଏଚ୍‌ପିସି କଲୋନୀ ପାଇଁ ଅସ୍ଥାୟୀ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଏନର୍ଜି ବାଲାନ୍ସିଂ ମାଧ୍ୟମରେ ଏକ ସ୍ୱତନ୍ତ୍ର ବିଲିଂ ପ୍ରକ୍ରିୟାର ସମାଧାନ ଟିମ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। କାଇଜେନ୍ ବର୍ଗରେ ୨୨୮ଟି ଟିମ୍ ମଧ୍ୟରୁ ଟିମ୍ ଅର୍ଥସିଦ୍ଧି ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଏଥିରେ ୨୫ଟି ସଂସ୍ଥାର ପ୍ରାୟ ୧,୦୫୦ ଜଣ ଅଂଶଗ୍ରହଣକାରୀ ସାମିଲ ଥିଲେ। ଏହି ସଫଳତା ପାଇଁ ଟିମ୍‌କୁ ଜେକେ ଦାସ ରୋଲିଂ ଟ୍ରଫି – ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ସଫଳତା ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲ୍‌ର ସିଇଓ ଶ୍ରୀ ପ୍ରବୀଣ ବର୍ମା କହିଛନ୍ତି, “ଯେତେବେଳେ ପ୍ରତ୍ୟେକ ଟିମ୍ ଦୈନନ୍ଦିନ ସମସ୍ୟାକୁ ସୁଧାରର ଅବସର ଭାବେ ଗ୍ରହଣ କରନ୍ତି, ସେତେବେଳେ ଏକ ମଜବୁତ ଗୁଣାତ୍ମକ ସଂସ୍କୃତି ନିର୍ମାଣ ହୋଇଥାଏ। ସିସିକ୍ୟୁସି ୨୦୨୬ରେ ଆମ ଦଳଗୁଡ଼ିକର ପ୍ରଦର୍ଶନ, ସମସ୍ୟା ଚିହ୍ନଟ କରିବା, ବ୍ୟାବହାରିକ ସମାଧାନ ବିକଶିତ କରିବା ଏବଂ ସୁଧାର ଭାବନାକୁ ଅର୍ଥପୂର୍ଣ୍ଣ ବ୍ୟବସାୟିକ ଫଳାଫଳରେ ରୂପାନ୍ତରିତ କରିବାର ସେମାନଙ୍କ ଦକ୍ଷତାକୁ ଦର୍ଶାଉଛି। ଏହି ଯୋଗଦାନ ପାଇଁ ମୁଁ ସମସ୍ତ ଟିମ୍, ମେଣ୍ଟର ଏବଂ ଫାସିଲିଟେଟରମାନଙ୍କୁ ଶୁଭେଚ୍ଛା ଜଣାଉଛି। ସେମାନଙ୍କର ଏହି ପ୍ରଚେଷ୍ଟା ନିରନ୍ତର ଉନ୍ନତି, ନବସୃଜନ ଏବଂ ଉତ୍କର୍ଷତାକୁ ଆମ ଦୈନନ୍ଦିନ କାର୍ଯ୍ୟଶୈଳୀର ଅଂଶବିଶେଷ କରିବାର ସଂକଳ୍ପକୁ ଆହୁରି ସୁଦୃଢ଼ କରୁଛି।

# ଅଙ୍ଗନୱାଡି କେନ୍ଦ୍ର ରେ ଆଙ୍ଗନ କା ଉତ୍ସବ ଅନୁଷ୍ଠିତ

ଅନୁଗୋଳ, ୩୦।୯ :(ମନ୍ଥନ)ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଜାମୁଡୋଲୀ ପଞ୍ଚାୟତ କୁତୁଲସିଙ୍ଗା ଅଙ୍ଗନବାଡ଼ି କେନ୍ଦ୍ରରେ ଆଙ୍ଗନ କା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଆଙ୍ଗନ କା ଉତ୍ସବ ର ପ୍ରଥମ ଦିନ ରେ ପିତା ମାନଙ୍କ ଦ୍ୱାରା ଖାଦ୍ୟ ପ୍ରତିଯୋଗିତା, ଦ୍ୱିତୀୟ ଦିନରେ ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ତୃତୀୟ ଦିନରେ ଅଙ୍ଗନ ବାଡ଼ି ୱାର୍କର ଅଞ୍ଜନା ବେହେରା ଙ୍କ



ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ସରପଞ୍ଚ ପ୍ରଭାକର ପ୍ରଧାନ, ବିଜେପି ନେତା ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ସ୍ବେଚ୍ଛାସେବୀ ବଳଭଦ୍ର ସାହୁ, କୁତୁଲ ସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଛବି ନାରାୟଣ ସିଠ, ସହକାରୀ ଶିକ୍ଷକ ଜ୍ଞାନ ରଞ୍ଜନ ଜେନା ପ୍ରମୁଖ ଯୋଗ ଦେଇ ଶିଶୁ ମାନଙ୍କ ର ଶରୀର ର ବିକାଶ ପାଇଁ ଭିଟାମିନ ଯୁକ୍ତ ଖାଦ୍ୟ ର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟ ରଖିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ସହାୟିକା ଅଞ୍ଜଳି ବେହେରା ଙ୍କ ସମେତ ସୁଭଦ୍ରା ମା, ପ୍ରସୂତି ମହିଳା ଯୋଗ ଦେଇଥିଲେ କ୍ଷ

# ଏନଏଲସି ନାଲକୋ ପାୱାର ଲିମିଟେଡ ଯୁଗ୍ମ ଉଦ୍ୟୋଗକୁ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନର ବିରୋଧ

ଅନୁଗୋଳ,୩୦।୯ :(ମନ୍ଥନ) ଅନୁଗୋଳରେ ୧୦୮୦ ମେଗାୱାଟ୍ କ୍ଷମତାର ନୂତନ ତାପଜ ବିଦ୍ୟୁତ କେନ୍ଦ୍ର ସ୍ଥାପନ ପାଇଁ ନାଲକୋ ଓ ଏନଏଲସି ଇଣ୍ଡିଆ ମଧ୍ୟରେ ୫୦:୫୦ ଅଂଶୀଦାରିତାରେ ଯୁଗ୍ମ ଉଦ୍ଯୋଗ ଗଠନକୁ ଏନଏଲସି ଇଣ୍ଡିଆ ବୋର୍ଡ ଅନୁମୋଦନ କରିବା ପରେ, ନାଲକୋ ସିପିପିର ସ୍ୱୀକୃତିପ୍ରାପ୍ତ ସଙ୍ଗଠନ ନାଲକୋ ଶ୍ରମିକ କଂଗ୍ରେସ ୟୁନିଅନ୍‌ର ସାଧାରଣ ସମ୍ପାଦକ, ତଥା ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ରାଜ୍ୟ ଉପସଭାପତି ବିଭବ ଜେନା ଏହି ଯୌଥ ମଡେଲ୍‌କୁ ନେଇ ଆପତ୍ତି ପ୍ରକାଶ କରିଛନ୍ତି ।ଏନଏଲସି ଇଣ୍ଡିଆ ବୋର୍ଡର ନିଷ୍ପତ୍ତି ପୂର୍ବରୁ ହିଁ ଶ୍ରୀ ଜେନା ଏହି ପ୍ରସଙ୍ଗ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀଙ୍କ ନିକଟରେ ଉଠାଇଥିଲେ। ନୂତନ ବିଦ୍ୟୁତ କେନ୍ଦ୍ରକୁ ନାଲକୋ ନିଜସ୍ୱ ଭାବେ ନିର୍ମାଣ, ମାଲିକାନା ଓ ପରିଚାଳନା କରିବାକୁ ସେ ଅନୁରୋଧ କରିଥିଲେ ।ସେପ୍ଟେମ୍ବର ୨୯ ତାରିଖରେ ଏନଏଲସି ଇଣ୍ଡିଆ ବୋର୍ଡ ନାଲକୋ ସହ ୫୦:୫୦ ଅଂଶୀଦାରିତାରେ ଯୁଗ୍ମ ଉଦ୍ଯୋଗ କମ୍ପାନୀ ଗଠନକୁ ଅନୁମୋଦନ କରିଛି। ପ୍ରସ୍ତାବିତ କମ୍ପାନୀର ନାମ “ଏନଏଲସି ନାଲକୋ ପାୱାର ଲିମିଟେଡ୍” ରଖିବା ପ୍ରସ୍ତାବ ରହିଛି, ଯାହା ସମ୍ପୃକ୍ତ ଅନୁମୋଦନ ଅଧୀନରେ ରହିଛି ।ସଙ୍ଗଠନ ୧,୦୮୦ ମେଗାୱାଟ୍?



ବିଦ୍ୟୁତ କେନ୍ଦ୍ର କିମ୍ବା ନାଲକୋର ସମ୍ପ୍ରସାରଣର ବିରୋଧୀ ନୁହେଁ। ଆମର ଚିନ୍ତା କେବଳ ମାଲିକାନା ଓ ପରିଚାଳନା ପ୍ରଣାଳୀକୁ ନେଇ। ନାଲକୋ ପାଖରେ ଏହି ପ୍ରକଳ୍ପକୁ ନିଜସ୍ୱ ଭାବେ କାର୍ଯ୍ୟକାରୀ କରିବା ପାଇଁ ଅଭିଜ୍ଞତା, ଭିତ୍ତିଭୂମି, ଦକ୍ଷ ମାନବ ସମ୍ବଳ ଓ ଆର୍ଥିକ କ୍ଷମତା ରହିଛି,” ବୋଲି ଜେନା କହିଛନ୍ତି ।ନାଲକୋ ପ୍ରାୟ ଚାରି ଦଶନ୍ଧି ଧରି ୧,୨୦୦ ମେଗାୱାଟ୍? କ୍ଷମତାର ନିଜସ୍ୱ ବିଦ୍ୟୁତ କେନ୍ଦ୍ର ପରିଚାଳନା କରିଆସୁଛି । ନୂତନ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି, କୋଇଲା, ଇନ୍ଧନ ଯୋଗାଣ, ଜଳ, କୋଇଲା ପରିଚାଳନା, ପାଉଁଶ ନିଷ୍କାସନ, ରେଳ ଓ ବିଦ୍ୟୁତ ସଂଯୋଗ ଭଳି ଭିତ୍ତିଭୂମି ସହ ଅଭିଜ୍ଞ ମାନବ ସମ୍ବଳ ମଧ ନାଲକୋ ପାଖରେ ରହିଛି ଜେନାଙ୍କ ମତରେ, ୫୦:୫୦ ଯୁଗ୍ମ ଉଦ୍ୟୋଗ ହେଲେ ରଣନୀତିକ ଗୁରୁତ୍ୱ ଥିବା ଏହି ବିଦ୍ୟୁତ କମ୍ପାନୀ ଉପରେ ନାଲକୋର ନିୟନ୍ତ୍ରଣ, ଭବିଷ୍ୟତ ଲାଭ, ମାନବ ସମ୍ବଳ ଯୋଜନା ଓ ଭବିଷ୍ୟତ ସମ୍ପ୍ରସାରଣରେ ପରିଚାଳନାଗତ ସ୍ୱାଧୀନତା ପ୍ରଭାବିତ ହୋଇପାରେ ।ବିଦ୍ୟୁତ ହେଉଛି ଆଲୁମିନିୟମ୍? ଉତ୍ପାଦନର ମେରୁଦଣ୍ଡ। ନାଲକୋର ନିଜସ୍ୱ ପରିସରରେ ଏବଂ ନାଲକୋର ଆବଶ୍ୟକତା ପୂରଣ ପାଇଁ ନିର୍ମାଣ ହେବାକୁ ଥିବା ବିଦ୍ୟୁତ କେନ୍ଦ୍ରର ସମ୍ପୂର୍ଣ୍ଣ ମାଲିକାନା ଓ ପରିଚାଳନା ନାଲକୋ ପାଖରେ ରହିବା ଉଚିତ,” ବୋଲି ଜେନା କହିଛନ୍ତି ।ସେ ସ୍ପଷ୍ଟ କରିଛନ୍ତି ଯେ ସଙ୍ଗଠନର ଆଭିମୁଖ୍ୟ ଏନଏଲସି ଇଣ୍ଡିଆ କିମ୍ବା ସରକାରୀ ଉଦ୍ଯୋଗ ମଧ୍ୟରେ ସହଯୋଗର ବିରୋଧୀ ନୁହେଁ। ନାଲକୋର ପ୍ରମାଣିତ ଦକ୍ଷତା ଓ ଉପଲବ୍ଧ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପକୁ ନାଲକୋ ନିଜସ୍ୱ ଭାବେ କାର୍ଯ୍ୟକାରୀ କରିବାର ସୁଯୋଗ ଦିଆଯିବା ଉଚିତ୍ ।ସେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ, ସମ୍ପୃକ୍ତ ମନ୍ତ୍ରଣାଳୟ ଏବଂ ନାଲକୋ ବୋର୍ଡ ଅଫ ଡିରେକ୍ଟରଙ୍କୁ ପ୍ରସ୍ତାବିତ ଏନଏଲସି ନାଲକୋ ପାୱାର ଲିମିଟେଡ୍ ଯୁଗ୍ମ ଉଦ୍ଯୋଗକୁ ପୁନର୍ବିଚାର କରିବା ସହ ନାଲକୋର ଭବିଷ୍ୟତ ପିଢ଼ିର ସ୍ୱାର୍ଥ, ଶ୍ରମିକଙ୍କ ଦୀର୍ଘମିଆଦି ସ୍ୱାର୍ଥ ଏବଂ ଆଲୁମିନିୟମ୍ କମ୍ପ୍ଲେକ୍ସର ଶକ୍ତି ସୁରକ୍ଷାକୁ ମଜବୁତ କରିବାକୁ ଦାବି ଜଣାଇଛନ୍ତି।

# କୁକୁଡାଖଣ୍ଡି ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

କୁକୁଡାଖଣ୍ଡି,୩୦।୯ :(ମନ୍ଥନ) କୁକୁଡାଖଣ୍ଡି ବ୍ଲକ ପରିସରରେ ମଙ୍ଗଳବାର ଦିନ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ସରକାରୀ ସୁବିଧା ଓ ଅଧିକାର ସମ୍ପର୍କରେ ସଚେତନ କରିବା ସହ ବିଭିନ୍ନ ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ, ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ୍,ରୋହିଗାଁ ସରପଞ୍ଚ ବଶିଷ୍ଠ ଜେନା, ଲାଠି ସରପଞ୍ଚ ରାଧାମୋହନ ସେଠୀ, ଲାଞ୍ଜିଆ ସରପଞ୍ଚ ଅନୀଲ ଗୌଡ଼, ବଡଲଖୋଲି ସରପଞ୍ଚ ଚିତ୍ତରଞ୍ଜନ ବିଷୋୟୀ, ଅଙ୍କୁଶପୁର ସରପଞ୍ଚ ମୁରଲୀ ସେଠୀ, ଜଗଦଲପୁର ସମିତି ସଭ୍ୟ ବି.ରବିନ୍ଦ୍ର ପାତ୍ର ଏବଂ ଲାଞ୍ଜିଆ ସମିତି ସଭ୍ୟ କାହ୍ନୁଚରଣ ପାତ୍ରଙ୍କ ସମେତ ବିଭିନ୍ନ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

# କୈବଲ୍ୟ କୃଷକ ଉତ୍ପାଦନ ସଂଗଠନର ସାଧାରଣ ପରିଷଦ ବୈଠକ

ମାହାଙ୍ଗା,୩୦।୯ :(ମନ୍ଥନ)ମାହାଙ୍ଗା ବ୍ଲକର ‘କୈବଲ୍ୟ’ କୃଷକ ଉତ୍ପାଦନ ସଂଗଠନ ପକ୍ଷରୁ ଏହାର ପଞ୍ଚମ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଚେୟାରମ୍ୟାନ ସଂଯୁକ୍ତା ପଣ୍ଡାଙ୍କ ଅଧ୍ୟକ୍ଷତାରେ କୁହୁଣ୍ଡା ଗ୍ରାମ ପଞ୍ଚାୟତ ସଭା ଗୃହରେ ଆୟୋଜିତ ଏହି ସାଧାରଣ ପରିଷଦ ବୈଠକକୁ ମାହାଙ୍ଗା ବ୍ଲକ କୃଷି ଅଧିକାରୀ ବି ପି ରୋଜାଲିନ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ ସମ୍ମାନିତ ଅତିଥିଭାବେ ମାହାଙ୍ଗା ବ୍ଲକ ସହକାରୀ କୃଷି ଅଧିକାରୀ ସାର୍ଥକ ପାଣି ଯୋଗଦେଇଥିଲେ ।ଏଥିରେ ମୁଖ୍ୟବକ୍ତା ଭାବେ କୁଣ୍ଡି କୃଷି ସେବା ସମବାୟ ସମିତିର ସଭାପତି ଅଖିଳେଶ ପଦ ମହାନ୍ତି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ସରପଞ୍ଚ ହେମନ୍ତ କୁମାର ପ୍ରଧାନ,ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ସୁରେଶ କୁମାର ଜେନା,ସାଲେପୁର ବ୍ଲକ ‘ନିର୍ମାଲ୍ୟ’କୃଷକ ଉତ୍ପାଦନ ସଂଗଠନର ଚେୟାରମ୍ୟାନ ସ୍ନେହଲତା ସିଂ ପ୍ରମୁଖ ଯୋଗଦେଇ କୃଷକ ମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ । ସ୍ୱେଚ୍ଛାସେବୀ ‘ନିଗମ’ର ଜିଲ୍ଲା ସଂଯୋଜକ ଅନନ୍ତ ଗୋପାଳ ପ୍ରତିହାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ‘କୈବଲ୍ୟ’ ର ବୋର୍ଡ ଡାଇରେକ୍ଟ ରାହାସ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡାଇରେକ୍ଟ ସେକ ତନିମ,ସିଇଓ ସବିତା ସେଠୀ,ଏମ ବି କେ ଆରତୀ ନାୟକ, ସିଆରପି ରୋଜି ମହାପାତ୍ର, ପୂର୍ବତନ ୱାର୍ଡସଭ୍ୟ ମନୋଜ କୁମାର ଦାସ,ୱାର୍ଡସଭ୍ୟ ଅଶୋକ କୁମାର ରାଉତ,ରମେଶ ଯେନା,ପରମାନନ୍ଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଅଗ୍ରଣୀ ଚାଷୀ ମହେଶ୍ୱର ରାଉତ, ଭାଗ୍ୟଧର ବେହେରା,ବ୍ରଜ କିଶୋର ପରିଡା, ଅଜୟ ସ୍ୱାଇଁ, ଅରୁଣ ରାଉତ, ସମିରଣ ରାଉତ, ଭଗବାନ ପଲେଇ, ରାମଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ବେହେରା,ଦାଶରଥି ସାହୁ,ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ କ୍ଷଆଗାମୀ ଦିନରେ ‘କୈବଲ୍ୟ’ କୃଷକ ସଂଗଠନକୁ ଆହୁରି ସୁସଂଗଠିତ କରାଯିବା ସହିତ,ଚାଷୀ ମାନଙ୍କୁ ବିହନ, ସାର, କୀଟନାଶକ ଯୋଗାଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପରିଚାଳନା କମିଟିର ସଦସ୍ୟ ମାନେ ପ୍ରତିଶୃତି ଦେଇଥିଲେ। ଏପରିକି କୃଷକ ମାନଙ୍କ ଠାରୁ ମୁଗ,ବିରି,ସୋରିଷ, ପନି ପରିବା କ୍ରୟ ନିମନ୍ତେ ସର୍ବ ସମ୍ମତ ନିଷ୍ପତି ଘୋଷଣା କରାଯାଇଥିଲା ଶତାଧିକ କୃଷକ,ବୋର୍ଡର ମେମ୍ବର ଏବଂ ପଞ୍ଚାୟତ ମହିଳା ଫେଡେରେସନର କର୍ମକର୍ତ୍ତା, ଏମ୍ବିକେ, ସିଆରପି ତଥା ୭ ଟି ଗ୍ରାମ ପଞ୍ଚାୟତରୁ ଆସିଥିବା ବହୁ ଆଗୁଆ ଚାଷୀ ଏହି ବୈଠକରେ ଉପସ୍ଥିତ ଥିଲେ।

# ଅଳକା ଜେନାଙ୍କ ସ୍ମୃତିରେ ମେଧାବୀ ଛାତ୍ରୀଙ୍କୁ ସମ୍ମାନ

ବଲାଙ୍ଗୀର,୩୦।୯ :(ମନ୍ଥନ)/୨୦୨୬:ଜଣେ ଆଦର୍ଶ ଶିକ୍ଷୟିତ୍ରୀଙ୍କ ଅବଦାନ କେବଳ ଶ୍ରେଣୀଗୃହର ଚାରିକାନ୍ଥ ମଧ୍ୟରେ ସୀମିତ ରହେ ନାହିଁ ।ତାଙ୍କ ଜ୍ଞାନ,ଆଦର୍ଶ ଓ ମାନବିକ ମୂଲ୍ୟବୋଧ ପିଢ଼ି ପରେ ପିଢ଼ି ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଚାଲେ ।ଏହି ମହତ୍ ଚିନ୍ତାଧାରାକୁ ଆଧାର କରି ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଗତ ଅଳକା ଜେନାଙ୍କ ପବିତ୍ର ସ୍ମୃତିକୁ ଚିରସ୍ମରଣୀୟ କରିବା ଉଦ୍ଦେଶ୍ୟରେ ‘ଅଳକା ଜେନା ସ୍ମୃତି ସମ୍ମାନ’ ପ୍ରଦାନ କରାଯାଇଛି ।ବିଦ୍ୟାଳୟରେ ଆୟୋଜିତ ଏହି ସମ୍ମାନ ସମାରୋହରେ ଗତ ୨୦୨୪-୨୫ ଓ ୨୦୨୫-୨୬ ଶିକ୍ଷାବର୍ଷର ମ୍ୟାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଙ୍କ ମଧ୍ୟରୁ ସର୍ବାଧିକ ମାର୍କ ରଖିଥିବା ମେଧାବୀ ଛାତ୍ରୀମାନଙ୍କୁ ଅର୍ଥରାଶି ସହ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଜ୍ୟୋତିର୍ମୟୀ ପଣ୍ଡାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ରିୟାଂଶୀ ସାଏ ଓ ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ‘ଅଳକା ଜେନା ସ୍ମୃତି ସମ୍ମାନ’ରେ ସମ୍ମାନିତ କରାଯାଇଥିଲା ।ସମାରୋହରେ ମୁଖ୍ୟ ଅତିଥି ଭାବେ ଚନ୍ଦନଭାଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅବସରପ୍ରାପ୍ତ ଅଧ୍ୟକ୍ଷ ଇତିଶ୍ରଦ୍ଧା ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ଅଳକା ଜେନାଙ୍କ ଶିକ୍ଷାଦାନ,ଶୃଙ୍ଖଳା ଓ ଛାତ୍ରୀମାନଙ୍କ ପ୍ରତି ତାଙ୍କର ସ୍ନେହପୂର୍ଣ୍ଣ ମନୋଭାବକୁ ସ୍ମରଣ କରିଥିଲେ ।ଜଣେ ଶିକ୍ଷୟିତ୍ରୀ ଭାବେ ସେ ଛାତ୍ରୀମାନଙ୍କ ଜୀବନରେ ଯେଉଁ ମୂଲ୍ୟବୋଧର ମଞ୍ଜି ବୁଣିଥିଲେ,ତାହା ଆଜି ମଧ୍ୟ ଏହି ବିଦ୍ୟାଳୟର ପରିବେଶରେ ଜୀବନ୍ତ ବୋଲି ଉଲ୍ଲେଖ କରିଥିଲେ ।ଜୀବନରେ ଲକ୍ଷ୍ୟ ନିର୍ଦ୍ଧାରଣ କରି କଠିନ ପରିଶ୍ରମ,ଶୃଙ୍ଖଳା ଓ ନୈତିକତାକୁ ସାଥୀ କରି ଆଗକୁ ବଢ଼ିବାକୁ ସେ ପରାମର୍ଶ ଦେଇଥିଲେ ।ଶିକ୍ଷା କେବଳ ଭଲ ନମ୍ବର ହାସଲ କରିବାର ମାଧ୍ୟମ ନୁହେଁ,ବରଂ ଜଣେ ଭଲ ମଣିଷ ହେବାର ମାର୍ଗ ବୋଲି ଶ୍ରୀମତୀ ତ୍ରିପାଠୀ ଛାତ୍ରୀମାନଙ୍କୁ ବୁଝାଇଥିଲେ ।କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରାଙ୍କ ସମେତ ବରିଷ୍ଠ ଶିକ୍ଷୟିତ୍ରୀ ନୂତନ ନାୟକ,ଯାଜ୍ଞସିନୀ ମହାପାତ୍ର ଓ ପ୍ରିୟମ୍ବଦା ଦେବ ଏବଂ ଅନ୍ୟ ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ମଞ୍ଚାସୀନ ଥିଲେ ।କାର୍ଯ୍ୟକ୍ରମକୁ ସୁରେଶ ବାରିକ ସଂଯୋଜନା କରିଥିବା ବେଳେ ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।ଶିକ୍ଷା କର୍ମଚାରୀ ସତ୍ୟବାନ ସାଏ,ରୁବିତା ବିଶ୍ୱାଳ,କୁନୀ ନନ୍ଦ,ମନରଞ୍ଜନ ତାଣ୍ଡି ସହଯୋଗ କରିଥିଲେ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।'

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ଜନତାଙ୍କ ସ୍ୱାର୍ଥ

ଓଡ଼ିଶା ବିଧାନସଭାର ବର୍ଷାକାଳୀନ ଅଧିବେଶନକୁ ନେଇ ଆଜି ଯେଉଁ ପ୍ରଶ୍ନଟି ସବୁଠାରୁ ବଡ଼ ହୋଇ ରାଜ୍ୟବାସୀଙ୍କ ସମ୍ମୁଖରେ ଠିଆ ହୋଇଛି, ତାହା କେବଳ ରାଜନୈତିକ ଦଳମାନଙ୍କ ବିବାଦର ପ୍ରଶ୍ନ ନୁହେଁ, ଏହା ହେଉଛି ଜନତାଙ୍କ ସମୟ, ଜନତାଙ୍କ ପ୍ରଶ୍ନ ଓ ଜନତାଙ୍କ ଉତ୍ତର ପାଇବାର ଅଧିକାରର ପ୍ରଶ୍ନ। ନଅଟି କାର୍ଯ୍ୟଦିବସ ପାଇଁ ନିର୍ଦ୍ଧାରିତ ହୋଇଥିବା ଅଧିବେଶନ ପଞ୍ଚମ କାର୍ଯ୍ୟଦିବସରେ ହିଁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଯିବା ଘଟଣା ନିଶ୍ଚୟ ଭାବେ ଗଭୀର ଚିନ୍ତାର ବିଷୟ। ଏହି ଘଟଣାକୁ କେବଳ ଶାସକ ଓ ବିରୋଧୀଙ୍କ ମଧ୍ୟରେ ରାଜନୈତିକ ଟଣାଓଟରା ଭାବେ ଦେଖିଲେ ପ୍ରଶ୍ନର ମୂଳ ଅର୍ଥ ହରାଇଯିବ। କାରଣ ବିଧାନସଭା କୌଣସି ଦଳର ବ୍ୟକ୍ତିଗତ ମଞ୍ଚ ନୁହେଁ, ଏହା ରାଜ୍ୟର ଲୋକଙ୍କ ଦ୍ୱାରା ନିର୍ବାଚିତ ସର୍ବୋଚ୍ଚ ବିଧାନୀୟ ମଞ୍ଚ। ଏଠାରେ ପ୍ରତ୍ୟେକ ମିନିଟ୍ ଜନସାଧାରଣଙ୍କ ଅର୍ଥରେ ଚାଲେ, ପ୍ରତ୍ୟେକ ପ୍ରଶ୍ନ ପଛରେ ଜଣେ ନାଗରିକଙ୍କ ଅଭିଯୋଗ ଥାଏ, ପ୍ରତ୍ୟେକ ଉତ୍ତର ପଛରେ ସରକାରୀ ଦାୟିତ୍ୱ ଥାଏ ଏବଂ ପ୍ରତ୍ୟେକ ଆଲୋଚନା ପଛରେ ରାଜ୍ୟର ଭବିଷ୍ୟତ ନୀତି ଗଠନର ସମ୍ଭାବନା ରହିଥାଏ। ଏହି ସତ୍ୟକୁ ମନେ ରଖିଲେ ପାଞ୍ଚ ଦିନରେ ଅଧିବେଶନ ଶେଷ ହୋଇଯିବା ଘଟଣାର ଗୁରୁତ୍ୱ ଆହୁରି ବଢ଼ିଯାଏ। ଏଠାରେ ଆଉ ଏକ ତଥ୍ୟ ଅତ୍ୟନ୍ତ ଜରୁରୀ। ଚଳିତ ସମୟରେ ଓଡ଼ିଶା ବନ୍ୟା ଓ ଅତିବର୍ଷାର ଗୁରୁତର ପ୍ରଭାବ ମଧ୍ୟରେ ଅଛି। ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରୁ ଆରମ୍ଭ କରି ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ପର୍ଯ୍ୟନ୍ତ ବର୍ଷା ଓ ବନ୍ୟାର ପ୍ରଭାବ ଦେଖାଯାଇଛି। ସରକାରୀ ଓ ପ୍ରଶାସନିକ ସୂଚନା ଅନୁସାରେ ଏକ ଲକ୍ଷରୁ ଅଧିକ ଲୋକଙ୍କୁ ନିମ୍ନାଞ୍ଚଳରୁ ସ୍ଥାନାନ୍ତର କରାଯାଇ ପାଞ୍ଚଶହରୁ ଅଧିକ ଆଶ୍ରୟକେନ୍ଦ୍ରରେ ରଖାଯାଇଛି। ବାଲେଶ୍ୱରରେ ମାତ୍ର ତିନି ଲକ୍ଷ ପଚାଶ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ଖବର ଆସିଛି ଏବଂ ୬୭ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ତଥ୍ୟ ମିଳିଛି। ମହାନଦୀର ଜଳସ୍ତର ବୃଦ୍ଧି, ହୀରାକୁଦ ଜଳଭଣ୍ଡାରରୁ ଅତିରିକ୍ତ ଜଳ ନିଷ୍କାସନ, ଉପର ଅବବାହିକାରେ ଭାରୀ ବର୍ଷା ଏବଂ ଅନେକ ନଦୀର ଜଳସ୍ତର ବୃଦ୍ଧି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚିନ୍ତା ବଢ଼ାଇଛି। ଏପରି ସମୟରେ ବିଧାନସଭାର ଆଲୋଚନା ଆହୁରି ଅଧିକ ଆବଶ୍ୟକ ଥିଲା। ବନ୍ୟା ଆସିଲା ବୋଲି ଗୃହର ଆବଶ୍ୟକତା କମିଯାଏ ନାହିଁ; ବନ୍ୟା ଆସିଥିବାରୁ ଗୃହର ଆବଶ୍ୟକତା ବଢ଼ିଯାଏ। ଯେଉଁ କୃଷକଙ୍କ ଧାନଜମି ପାଣିରେ ବୁଡ଼ିଗଲା, ଯେଉଁ ପରିବାର ଘର ଛାଡ଼ି ଆଶ୍ରୟକେନ୍ଦ୍ରକୁ ଗଲା, ଯେଉଁ ଗ୍ରାମର ରାସ୍ତା ଭାସିଗଲା, ଯେଉଁ ଅଞ୍ଚଳରେ ପାନୀୟଜଳ ଓ ଔଷଧ ପହଞ୍ଚିବାରେ ଅସୁବିଧା ହେଲା, ସେମାନଙ୍କ ପ୍ରଶ୍ନ ବିଧାନସଭାରେ ଉଠିବା ଦରକାର ଥିଲା। ଏହି ଆବଶ୍ୟକତାକୁ କୌଣସି ରାଜନୈତିକ ବିବାଦର ଛାୟା ତଳେ ଚାପି ଦେବା ଉଚିତ ନୁହେଁ। ସରକାରଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ ହେବ, ବିରୋଧୀଙ୍କୁ ପ୍ରଶ୍ନକୁ ଯୁକ୍ତିସଙ୍ଗତ ଭାବେ ଉଠାଇବାକୁ ହେବ। ଚଳିତ ଅଧିବେଶନର ପ୍ରଥମ ଦିନରୁ ହିଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଖବର ରହିଛି। ବିଦ୍ୟାଳୟ ପାଠ୍ୟପୁସ୍ତକର ତ୍ରୁଟି ଏବଂ ଖଣି ଓ ଖଣିଜ ବିକାଶ ସମ୍ବନ୍ଧୀୟ ସଂଶୋଧନ ଆଇନକୁ ନେଇ ବିରୋଧୀ ଦଳଗୁଡ଼ିକ ଗୃହରେ ପ୍ରତିବାଦ କରିଛନ୍ତି। ଦିନର ଆରମ୍ଭରେ ମାତ୍ର କିଛି ସମୟ ଗୃହ ଚାଲିବା ପରେ ପୁଣି ମୁଲତବୀ ହୋଇଥିଲା ଏବଂ ପରେ ଶୂନ୍ୟକାଳ ମଧ୍ୟ ବିରୋଧର ମଧ୍ୟରେ ଚାଲିଥିଲା। ଏହି ଘଟଣା ଏକ ମୂଳ ପ୍ରଶ୍ନ ଉଠାଏ—ବିଧାନସଭାରେ ପ୍ରତିବାଦର ଅଧିକାର ରହିଛି, କିନ୍ତୁ ଗୃହକାର୍ଯ୍ୟକୁ ଦୀର୍ଘ ସମୟ ଅଚଳ କରିଦେବା କି ଜନତାଙ୍କ ସ୍ୱାର୍ଥକୁ ସୁରକ୍ଷା କରେ ? ଗଣତନ୍ତ୍ରରେ ବିରୋଧୀଙ୍କ ସ୍ୱର ଅତ୍ୟନ୍ତ ଜରୁରୀ। ସରକାରକୁ ପ୍ରଶ୍ନ କରିବା ହେଉଛି ବିରୋଧୀଙ୍କ ସାଂବିଧାନିକ ଓ ରାଜନୈତିକ ଭୂମିକାର ଅଂଶ।ସେହିପରି ସରକାର ମଧ୍ୟ ବିରୋଧୀଙ୍କ ପ୍ରଶ୍ନକୁ କେବଳ ରାଜନୈତିକ ଆକ୍ରମଣ ବୋଲି ଦେଖି ଅଣଦେଖା କରିପାରିବେ ନାହିଁ। ଯଦି କୌଣସି ପାଠ୍ୟପୁସ୍ତକରେ ତ୍ରୁଟି ରହିଛି, ତେବେ ତାହାର ତଥ୍ୟଭିତ୍ତିକ ଉତ୍ତର ଦେବା ଦରକାର। ତ୍ରୁଟି କିପରି ହେଲା, କିଏ ଯାଞ୍ଚ କଲା, କେତେ ପୁସ୍ତକ ବଣ୍ଟନ ହେଲା, ସଂଶୋଧିତ ପୁସ୍ତକ କେତେ ଛାତ୍ରଛାତ୍ରୀଙ୍କ ପାଖକୁ ପହଞ୍ଚିଲା, ଭବିଷ୍ୟତରେ ଏପରି ତ୍ରୁଟି ନହେବା ପାଇଁ କେଉଁ ଯାଞ୍ଚ ବ୍ୟବସ୍ଥା ହେବ—ଏହାର ଉତ୍ତର ସରକାର ଦେଲେ ଆଲୋଚନା ଅର୍ଥପୂର୍ଣ୍ଣ ହେବ। ଆହୁରି ଗୁରୁତ୍ୱପୂର୍ଣ୍ଣ ହେଉଛି, ରାଜ୍ୟର ଖଣି ଓ ଇସ୍ପାତ ମନ୍ତ୍ରୀ ବିଧାନସଭାରେ ରାଜ୍ୟ କେତେ ଲାଭ କିମ୍ବା କ୍ଷତି ପାଇବ ତାହାର ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ ବୋଲି କହିଥିବା ଖବର ଆସିଛି। ଏହି ତଥ୍ୟ ନିଜେ ପ୍ରମାଣ କରେ ଯେ ଏପରି ବିଷୟରେ ଗୃହ ଚାଲିବା ଏବଂ ବିସ୍ତୃତ ଆଲୋଚନା ହେବା କେତେ ଜରୁରୀ। ଯଦି ଗୃହରେ ଆଲୋଚନା ହୋଇଥାନ୍ତା, ତେବେ ରାଜ୍ୟର ଖଣିଜ ରାଜସ୍ୱ, ଖଣିଜ ନୀତି, ରାଜ୍ୟର ଅଧିକାର, ଆଦିବାସୀ ଅଞ୍ଚଳର ସ୍ୱାର୍ଥ, ପରିବେଶୀୟ ପ୍ରଭାବ, ଶିଳ୍ପ ନିବେଶ ଓ ରାଜ୍ୟ ଅର୍ଥନୀତି ଉପରେ ସମ୍ଭାବ୍ୟ ପ୍ରଭାବକୁ ଏକାଧିକ ପକ୍ଷରୁ ବିଚାର କରାଯାଇପାରିଥାନ୍ତା। ଏହା ହେଉଛି ବିଧାନସଭାର ମୂଳ ଉଦ୍ଦେଶ୍ୟ। ଏଠାରେ ଆଉ ଏକ ବଡ଼ ପ୍ରଶ୍ନ ରହିଛି—ବନ୍ୟା। ବନ୍ୟାକୁ ନେଇ ସରକାରଙ୍କ ପକ୍ଷରୁ ପ୍ରଶାସନିକ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ପ୍ରଭାବିତ ଅଞ୍ଚଳ ଗସ୍ତ କରିଛନ୍ତି, ଆଶ୍ରୟକେନ୍ଦ୍ରରେ ଖାଦ୍ୟ, ପାନୀୟଜଳ, ଶିଶୁ ଖାଦ୍ୟ ଓ ଔଷଧ ବ୍ୟବସ୍ଥା ଯାଞ୍ଚ କରିଛନ୍ତି ଏବଂ ପ୍ରଭାବିତ ପରିବାରଙ୍କୁ ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନିକ ସ୍ତରରେ ଏହି ପଦକ୍ଷେପ ଆବଶ୍ୟକ ହେଲେ ମଧ୍ୟ ବିଧାନସଭାର ଭୂମିକା ଅଲଗା। ବିଧାନସଭା ପଚାରିବ—କେତେ ଲୋକ ପ୍ରଭାବିତ ହେଲେ ? କେତେ ଘର ଭାଙ୍ଗିଲା ? କେତେ ଚାଷଜମି ନଷ୍ଟ ହେଲା ? କେତେ ରାସ୍ତା ଓ ସେତୁ କ୍ଷତିଗ୍ରସ୍ତ ହେଲା ? କେତେ ଅର୍ଥ ରିଲିଫ ପାଇଁ ଖର୍ଚ୍ଚ ହେଲା ? କେତେ ପରିବାର ଏପର୍ଯ୍ୟନ୍ତ ଘରକୁ ଫେରିପାରିନାହାନ୍ତି ? କେତେ କୃଷକ ଫସଲ କ୍ଷତିପୂରଣ ପାଇବେ ? କ୍ଷତିପୂରଣ କେବେ ମିଳିବ ? ଆଗାମୀ ରବି ଚାଷ ପାଇଁ ବିହନ, ସାର ଓ ଜଳସେଚନର ବିକଳ୍ପ ବ୍ୟବସ୍ଥା କ'ଣ ? ବନ୍ୟାପରେ ପାନୀୟଜଳ ଓ ସ୍ୱାସ୍ଥ୍ୟ ସମସ୍ୟା ରୋକିବାକୁ କ'ଣ ଯୋଜନା ରହିଛି ? ଏହି ସବୁ ପ୍ରଶ୍ନର ଉତ୍ତର କେବଳ ସରକାରୀ କାର୍ଯ୍ୟାଳୟର ବିବୃତିରେ ନୁହେଁ, ବିଧାନସଭାର ରେକର୍ଡରେ ଥିବା ଆବଶ୍ୟକ।

# ଦାରିଦ୍ର୍ୟର କାରଣ

**ହିମାଂଶୁ ଶେଖର ଆଚାର୍ଯ୍ୟ ■**

ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ। ତାହାହେଲା ଦେଶ ଦରିଦ୍ର ହୁଏ କାହିଁକି ? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ। ବିଭିନ୍ନ କାରଣ ମଧ୍ୟ ଖୋଜା ଯାଇଥାଏ। କିନ୍ତୁ ସଠିକ୍ ଉତ୍ତର ମିଳିପାରେ ନାହିଁ। ସାଧାରଣ ଅର୍ଥରେ କହିଲେ ଦାରିଦ୍ର୍ୟ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥାନ୍ତି। ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ'। ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡ ପିଛାଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନ ସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ ପ୍ରତିଶରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗ ରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି।ନିକଟରେ ନିତି ଆୟୋଗ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦାରିଦ୍ର୍ୟ କ୍ଷେତ୍ରରେ ଜାତୀୟ ହାର ୨୫.୦୧ ପ୍ରତିଶତ ରହିଛି ।

ଏକ ଅନୁକୂଳ ପରିବେଶ ଜୀବନ ଧାରଣ ପାଇଁ ଅପରିଧାର୍ଯ୍ୟ ଜନସଂଖ୍ୟାର ବିସ୍ଫୋରଣ ପରିବେଶପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟିକରିଛି । ଦାରିଦ୍ର୍ୟ ନୟନ୍ତ୍ରଣ ପାଇଁ କେତକ ଫଳପ୍ରଦ ପଦକ୍ଷପ ନେବା ଜରୁରୀ ମନେ ହୁଏ। ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ। ଭାରତରେ ଘରୋଇ ସଞ୍ଚୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭୟ କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସଞ୍ଚୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ। ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉକ୍ତ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶ ମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ। ଶିକ୍ଷ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷ ଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢ଼ିଛି।

ଗରିବ ହଟାଅ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ୍ୟ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି। ଏହା ନିଶ୍ଚିତ ପରିତାପର ବିଷୟ। ଏପରିକି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପରେବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ହୋଇପାରିନାହିଁ। ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ଭାରତରେ ଜନସଖ୍ୟା ବୃଦ୍ଧ ଆମ ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭାହୋଇଛି। ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ରହିଛି ଏହି ଜନସଂଖ୍ୟା ବିସ୍ଫୋରଣ। ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ଆୟ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୩ଗୁଣ ବୃଦ୍ଧି ପାଇଛି। ଅର୍ଥ ଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକା ହୋଇଥାଏ। ଏହା ଉକ୍ତ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଥି ସହିତ ଶ୍ରମଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକା ହେଲେ ବେକାରୀ ସୃଷ୍ଟି ହୁଏ । ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିର ସହଚର ହୋଇରହିଛି । ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢ଼ାଇଥାଏ । ଫଳରେ ସଞ୍ଚୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସପାଏ ।

ପ୍ରାୟ ୬୦ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ । ନିମ୍ନ କୃଷି ଉତ୍ପାଦନଶୀଳତା ଗ୍ରାମାଞ୍ଚଳ ଦାରିଦ୍ରାତାର ମୁଖ୍ୟ କାରଣ । ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷପ ନେବା ଆବଶ୍ୟକ ଫଳରେ ଏହା ଗ୍ରାମାଞ୍ଚଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାର ସହାୟକ ହୋଇପାରିବ । ଏଥି ସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ । ଯେ କୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ । ସେହିପରି କୃଷି ଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ । ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବେକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ। ଉତ୍ପାଦନ କୌଶଳ ଦୁଇ ପ୍ରକାର: ଯଥା ଶ୍ରମ ପ୍ରଦାନ କୌଶଳ ଓ ପୁଞ୍ଜି ପ୍ରଦାନ କୌଶଳ। ଭାରତଭଳି ଜନବହୁଳ ଦେଶରେ ଶ୍ରମପ୍ରଦାନ କୌଶଳକୁ ବ୍ୟବହାର କରିବା ଉଚିତ କାରଣ ଦାରିଦ୍ର୍ୟ ନିରାକାରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ।ଉଏତଦ୍‌ବ୍ୟତୀତ ଆଉକେତେକ ପଦକ୍ଷପ ନେବା ଜରୁରୀ ମନେହୁଏ। ସେଗୁଡିକ ହେଲା - (କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ । ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବା ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ (ଖ) ଦରିଦ୍ର ମାନଙ୍କୁ ସରାକାରୀ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍ (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରୀ ବ୍ୟବସ୍ଥା କରିବା ଉଚିତ୍ (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ୍ (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରୀ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ। ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ। ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ। କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ । ତେଣୁ ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ତାହାନହେଲେ ଦାରିଦ୍ର୍ୟ ଆମ ପାଇଁ ଚିର ସହଚର ହୋଇ ରହିଯିବ । ଏବେ ଦେଶରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି । କେବଳ ଦୁଇଟି ପଞ୍ଚବାର୍ଷିକ ଯୋଜନାରେ ଓ ଦୁଇଟି ନିର୍ବାଚନରେ ଦାରିଦ୍ର୍ୟ ହଟାଅ ସ୍ଲୋଗାନକୁ ଗୁରୁତ୍ୱ ଦିଆଯାଇଥିଲା । ତେଣୁ ରାଜନୈତିକ ଦଳମାନେ ଦାରିଦ୍ର୍ୟ ଦୂରୀକରଣକୁ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେଲେ ତାହା ଯୁକ୍ତିଯୁକ୍ତ ହୁଅନ୍ତା

ଅବସରପ୍ରାପ୍ତ ଅଧ୍ୟାପକ
ତିର୍ତ୍ତୋଲ,ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

# ବର୍ଷା ବଢ଼ୁଛି, ବିପଦ ବଢ଼ିବା ପୂର୍ବରୁ ଓଡ଼ିଶା ସତର୍କ ହେଉ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଓଡ଼ିଶା ପୁଣି ଥରେ ପ୍ରକୃତିର ଏକ କଠିନ ପରୀକ୍ଷାର ସମ୍ମୁଖୀନ। ଆକାଶ ଘନ ହେଉଛି, ବର୍ଷାର ପରିମାଣ ବଢୁଛି, ନଦୀନାଳରେ ଜଳସ୍ତର ଉପରକୁ ଉଠିବାର ଆଶଙ୍କା ଦେଖାଦେଉଛି ଏବଂ ନିମ୍ନାଞ୍ଚଳରେ ଜଳବନ୍ଦୀର ଭୟ ଘନୀଭୂତ ହେଉଛି। ଏହି ସମୟରେ ବନ୍ୟାକୁ କେବଳ ପାଣି ଆସିବାର ଘଟଣା ଭାବେ ଦେଖିଲେ ଚାଲିବ ନାହିଁ; ଏହା ଜୀବନ, ଜୀବିକା, ଯାତାୟାତ, କୃଷି, ପାନୀୟଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ ଏବଂ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ସାଧାରଣ ଜୀବନକୁ ପ୍ରଭାବିତ କରିପାରେ। ୨୫ ସେପ୍ଟେମ୍ବରର ସରକାରୀ ପାଣିପାଗ ସତର୍କତା ଅନୁଯାୟୀ ଓଡ଼ିଶାରେ ଆଜି ଅତିପ୍ରବଳ ବର୍ଷା ସହ ବଜ୍ରପାତ ଆଦିର ସମ୍ଭାବନା ଏବଂ ୨୬ ସେପ୍ଟେମ୍ବରରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ତେଣୁ ଏହି ମୁହୂର୍ତ୍ତରେ ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ଭୟ ନୁହେଁ, ସଚେତନତା; ଆତଙ୍କ ନୁହେଁ, ପ୍ରସ୍ତୁତି। ବର୍ଷା ଆସିବାକୁ ଅପେକ୍ଷା କରି ବିପଦ ବଢ଼ିଯିବା ପରେ ପଦକ୍ଷେପ ନେବା ଠାରୁ ବିପଦ ପୂର୍ବରୁ ପରିବାର, ଗ୍ରାମ ଏବଂ ପ୍ରଶାସନ ସଜାଗ ହେବା ହିଁ ବୁଦ୍ଧିମାନ ପଦକ୍ଷେପ। ଗଭୀର ଅବପାତର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବ୍ୟାପକ ବର୍ଷା ହୋଇଥିବା ବେଳେ ଉତ୍ତର ଓଡ଼ିଶା ଉପକୂଳରେ ମଧ୍ୟ ଭାରୀରୁ ଅତିଭାରୀ ବର୍ଷାର ସମ୍ଭାବନା ସମ୍ପର୍କରେ ପାଣିପାଗ ବିଭାଗ ସତର୍କ କରିଛି। ଏହି ପରିସ୍ଥିତିରେ ନଦୀକୂଳ, ନାଳକୂଳ, ଜଳାଶୟ ନିକଟବର୍ତ୍ତୀ ଅଞ୍ଚଳ, ତଳିଆ ଜମି, ଦୁର୍ବଳ ଘର ଏବଂ ଜଳବନ୍ଦୀପ୍ରବଣ ସହରାଞ୍ଚଳରେ ଥିବା ଲୋକଙ୍କୁ ବିଶେଷ ସତର୍କ ରହିବାକୁ ହେବ। ବନ୍ୟାର ପ୍ରଥମ ଶିକ୍ଷା ହେଉଛି—ପାଣିର ଗଭୀରତା ଚକ୍ଷୁରେ ଦେଖି ଅନୁମାନ କରାଯାଇପାରେ ନାହିଁ। ରାସ୍ତା ଉପରେ ଅଳ୍ପ ପାଣି ଦେଖାଗଲେ ମଧ୍ୟ ତାହାର ତଳେ ଗର୍ତ୍ତ, ଭଙ୍ଗା ରାସ୍ତା, ଖୋଲା ନାଳ କିମ୍ବା ତୀବ୍ର ସ୍ରୋତ ଥାଇପାରେ। ତେଣୁ ପାଣି ଭରା ରାସ୍ତାରେ ଅନାବଶ୍ୟକ ଭାବେ ଚାଲିବା, ଦୁଇଚକିଆ କିମ୍ବା ଚାରିଚକିଆ ଯାନ ନେଇ ପ୍ରବେଶ କରିବା ଜୀବନ ପାଇଁ ବିପଦଜନକ। ବନ୍ୟାପାଣିରେ ଶିଶୁମାନଙ୍କୁ ଖେଳିବାକୁ ଦେବା ମଧ୍ୟ ଘୋର ଅବହେଳା। ବିଦ୍ୟୁତ ତାର, ଖୁଣ୍ଟି, ଟ୍ରାନ୍ସଫର୍ମର କିମ୍ବା ଜଳମଗ୍ନ ବିଦ୍ୟୁତ ଉପକରଣ ଠାରୁ ଦୂରେ ରହିବା ଆବଶ୍ୟକ। ପାଣି ଘର ଭିତରକୁ ପଶିଲେ ବିଦ୍ୟୁତ ସଂଯୋଗ ବନ୍ଦ କରିବା ପାଇଁ ନିରାପଦ ଉପାୟରେ ପଦକ୍ଷେପ ନିଆଯିବା ଉଚିତ, କିନ୍ତୁ ପାଣି ଭିତରେ ଠିଆ ହୋଇ ବିଦ୍ୟୁତ ଯନ୍ତ୍ର ଛୁଇଁବା ଅତ୍ୟନ୍ତ ବିପଦଜନକ। ଘରେ ଶୁଖିଲା ଖାଦ୍ୟ, ପିଇବା ପାଣି, ଆବଶ୍ୟକ ଔଷଧ, ଶିଶୁ ଖାଦ୍ୟ, ଟର୍ଚ୍ଚ, ଅତିରିକ୍ତ ବ୍ୟାଟେରି, ଆବଶ୍ୟକ କାଗଜପତ୍ର ଏବଂ ମୋବାଇଲ ଯୋଗାଯୋଗର ବିକଳ୍ପ ବ୍ୟବସ୍ଥା ରଖିବା ଉଚିତ। ବୃଦ୍ଧ, ଶିଶୁ, ଗର୍ଭବତୀ ମହିଳା, ଦିବ୍ୟାଙ୍ଗ ଏବଂ ଅସୁସ୍ଥ ବ୍ୟକ୍ତିଙ୍କୁ ପ୍ରଥମେ ନିରାପଦ ସ୍ଥାନକୁ ନେବା ଦରକାର। ଗ୍ରାମାଞ୍ଚଳରେ ଗୋରୁଗାଈ ଓ ଅନ୍ୟ ପଶୁମାନଙ୍କୁ ମଧ୍ୟ ଉଚ୍ଚ ଓ ନିରାପଦ ସ୍ଥାନକୁ ନେବା ପାଇଁ ପୂର୍ବପ୍ରସ୍ତୁତି ଦରକାର। କୃଷକଙ୍କ ପାଇଁ ଏହି ସମୟ ଅଧିକ ସମ୍ବେଦନଶୀଳ। ଅତିରିକ୍ତ ବର୍ଷାରେ ଧାନ, ପନିପରିବା, ମକା ଓ ଫଳଚାଷ ଜମିରେ ପାଣି ଜମି ରହିଲେ ଫସଲ କ୍ଷତି ହୋଇପାରେ। ତେଣୁ ଯେଉଁଠାରେ ସୁରକ୍ଷିତ ଭାବେ ସମ୍ଭବ, ଜମିର ଅତିରିକ୍ତ ପାଣି ନିଷ୍କାସନର ବ୍ୟବସ୍ଥା କରିବା ଆବଶ୍ୟକ। ପାଣି ବଢ଼ିଲେ ଜବରଦସ୍ତି ଘର, ଗୋଶାଳା କିମ୍ବା ଜମିରେ ରହିବା ଠାରୁ ପ୍ରଶାସନର ନିର୍ଦ୍ଦେଶ ମାନି ଆଶ୍ରୟସ୍ଥଳକୁ ଯିବା ହିଁ ସୁରକ୍ଷିତ। ଓଡ଼ିଶାର ଦୁର୍ଯ ?ଗ ପରିଚାଳନାର ଅଭିଜ୍ଞତା ଦେଶରେ ଏକ ପରିଚିତ ଉଦାହରଣ ହୋଇଥିଲେ ମଧ୍ୟ ପ୍ରକୃତିର ପରିବର୍ତ୍ତନଶୀଳ ଚରିତ୍ର ସବୁବେଳେ ନୂଆ ଚ୍ୟାଲେଞ୍ଜ ଆଣୁଛି। ଏହି ପରିସ୍ଥିତିରେ ସରକାରଙ୍କ ସତର୍କତା ସହ ଜନସାଧାରଣଙ୍କ ଦାୟିତ୍ୱବୋଧ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ସେପ୍ଟେମ୍ବର ୨୩ରେ ମୁଖ୍ୟମନ୍ତ୍ରୀ ଭାରୀ ବର୍ଷାର ସମ୍ଭାବନା ନେଇ ଉଚ୍ଚସ୍ତରୀୟ ବୈଠକ କରି ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଭାବିତ ହୋଇପାରୁଥିବା ଜିଲ୍ଲାଗୁଡ଼ିକରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ, ଅଗ୍ନିଶମ ସେବା ଓ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟବାହିନୀକୁ ପ୍ରସ୍ତୁତ ରଖାଯାଇଥିବା, ନିୟନ୍ତ୍ରଣ କକ୍ଷଗୁଡ଼ିକୁ ଚବିଶ ଘଣ୍ଟିଆ କାର୍ଯ୍ୟକ୍ଷମ କରାଯାଇଥିବା ଏବଂ ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ, ଔଷଧ ଓ ପିଇବା ପାଣିର ବ୍ୟବସ୍ଥା କରାଯାଇଥିବା ସରକାରୀ ସୂଚନାରେ କୁହାଯାଇଛି। ଏହା ସତ୍ତ୍ୱେ ଏକ ସତର୍କ ସମାଜ ହିଁ ଏକ ସୁରକ୍ଷିତ ସମାଜ ଗଢ଼ିପାରେ। ପ୍ରଶାସନର ସତର୍କବାଣୀକୁ ଅବହେଳା କରି ନଦୀ, ନାଳ କିମ୍ବା ଜଳାଶୟ ନିକଟକୁ ଯିବା, ବନ୍ୟାପାଣିରେ ଭିଡିଓ କରିବା, ସାମାଜିକ ମାଧ୍ୟମରେ ଅପ୍ରମାଣିତ ଖବର ପ୍ରଚାର କରିବା ଏବଂ ଅଫବାହକୁ ସତ୍ୟ ଭାବିବା ଠାରୁ ସମସ୍ତଙ୍କୁ ଦୂରେ ରହିବାକୁ ହେବ। ବିଶେଷକରି ବନ୍ଧ ଭାଙ୍ଗିଗଲା, ନଦୀ ଉପରେ ବିପଦ ଆସିଲା, ହଜାର ଲୋକ ଅଟକିଗଲେ ଭଳି ଅପ୍ରମାଣିତ ସନ୍ଦେଶ ଲୋକଙ୍କ ମଧ୍ୟରେ ଭୟ ବଢ଼ାଇପାରେ। କୌଣସି ସୂଚନାକୁ ପ୍ରସାର କରିବା ପୂର୍ବରୁ ତାହା ପ୍ରଶାସନ, ପାଣିପାଗ ବିଭାଗ କିମ୍ବା ଅଧିକୃତ ମାଧ୍ୟମରୁ ଆସିଛି କି ନାହିଁ ଯାଞ୍ଚ କରିବା ଆଜିର ନାଗରିକ ଦାୟିତ୍ୱ। ସହରରେ ମଧ୍ୟ ବନ୍ୟାର ଅର୍ଥ କେବଳ ନଦୀର ପାଣି ନୁହେଁ। ଅତ୍ୟଧିକ ବର୍ଷାରେ ନାଳ ଅବରୋଧ, ଅପର୍ଯ୍ୟାପ୍ତ ଜଳନିଷ୍କାସନ, ଅବୈଧ ଭାବେ ଜଳପଥ ଅବରୋଧ ଏବଂ ଅପରିକଳ୍ପିତ ନିର୍ମାଣ ଯୋଗୁଁ ଅଳ୍ପ ସମୟରେ ମଧ୍ୟ ରାସ୍ତା ଓ ବସତି ଜଳମଗ୍ନ ହୋଇପାରେ। ତେଣୁ ବର୍ଷା ଥାମିଗଲା ବୋଲି ବିପଦ ଶେଷ ହୋଇଗଲା ଭାବିବା ମଧ୍ୟ ଭୁଲ। ନଦୀର ଉପରମୁଣ୍ଡରେ ହୋଇଥିବା ବର୍ଷାର ପ୍ରଭାବ ତଳମୁଣ୍ଡରେ ପରେ ଦେଖାଯାଇପାରେ। ଏହି କାରଣରୁ ନଦୀକୂଳବର୍ତ୍ତୀ ଲୋକମାନେ ଜଳସ୍ତର ସମ୍ପର୍କିତ ଅଧିକୃତ ସୂଚନା ଉପରେ ନଜର ରଖିବା ଆବଶ୍ୟକ। ଆଉ ଏକ ବଡ଼ ବିପଦ ହେଉଛି ବନ୍ୟା ପରବର୍ତ୍ତୀ ରୋଗ। ଦୂଷିତ ପାଣି ଦ୍ୱାରା ଝାଡ଼ା, ବାନ୍ତି, ଜ୍ୱର ଓ ଅନ୍ୟାନ୍ୟ ଜଳବାହିତ ରୋଗ ବଢ଼ିପାରେ। ତେଣୁ ଉବା କିମ୍ବା ସୁରକ୍ଷିତ ପାଣି ପିଇବା, ଖାଦ୍ୟ ଢାଙ୍କି ରଖିବା, ହାତ ସଫା ରଖିବା ଏବଂ ଅସୁସ୍ଥତା ଦେଖାଦେଲେ ଶୀଘ୍ର ଚିକିତ୍ସା ନେବା ଆବଶ୍ୟକ। ବନ୍ୟା କେବଳ ପ୍ରଶାସନର ପରୀକ୍ଷା ନୁହେଁ; ଏହା ସମାଜର ମାନବିକତାର ମଧ୍ୟ ପରୀକ୍ଷା। ନିଜ ଘର ସୁରକ୍ଷିତ ରଖିବା ସହ ପଡ଼ ?ଶୀଙ୍କ ଅବସ୍ଥା ଜାଣିବା, ଏକାକୀ ବୃଦ୍ଧଙ୍କୁ ସାହାଯ୍ୟ କରିବା, ଶିଶୁ ଓ ଦୁର୍ବଳ ପରିବାରକୁ ନିରାପଦ ସ୍ଥାନକୁ ପହଞ୍ଚାଇବା ଏବଂ ଉଦ୍ଧାରକାରୀ ଦଳଙ୍କୁ ସହଯୋଗ କରିବା ଆମ ସାମାଜିକ କର୍ତ୍ତବ୍ୟ। ଓଡ଼ିଶା ଅନେକ ବିପର୍ଯ୍ୟୟ ଦେଖିଛି, ଅନେକ ଥର ଉଠିଛି ଏବଂ ପୁଣି ଗଢ଼ିଛି। ଆଜି ମଧ୍ୟ ଆମକୁ ସେହି ସାହସ ସହ ସତର୍କତାକୁ ଯୋଡ଼ିବାକୁ ହେବ। ପ୍ରକୃତିକୁ ରୋକିବା ମଣିଷର ହାତରେ ନାହିଁ, କିନ୍ତୁ ପ୍ରକୃତିଜନିତ ବିପଦରେ ଜୀବନହାନି କମାଇବା ନିଶ୍ଚିତ ଭାବେ ଆମ ହାତରେ। ଏହି ମୁହୂର୍ତ୍ତର ମନ୍ତ୍ର ଗୋଟିଏ—ସତର୍କ ରୁହନ୍ତୁ, ଅଧିକୃତ ସୂଚନା ଶୁଣନ୍ତୁ, ବନ୍ୟାପାଣିରୁ ଦୂରେ ରୁହନ୍ତୁ, ଆବଶ୍ୟକ ହେଲେ ଶୀଘ୍ର ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ ଏବଂ ପଡ଼ ?ଶୀଙ୍କ ହାତ ଧରନ୍ତୁ। ଆଜି ଗୋଟିଏ ସାବଧାନତା ଆସନ୍ତାକାଲି ଗୋଟିଏ ଜୀବନ ବଞ୍ଚାଇପାରେ। ଓଡ଼ିଶାର ଆକାଶରେ ଯେତେ ଘନ ମେଘ ଥାଉ, ଆମ ସଚେତନତାର ଆଲୋକ ତାହାଠାରୁ ଅଧିକ ଉଜ୍ଜ୍ୱଳ ହେଉ—ଏହା ହିଁ ଏହି ସମୟର ସବୁଠାରୁ ବଡ଼ ଆହ୍ୱାନ।

ମୋବାଇଲ୍: ୯୪୩୭୯୯୪୩୭୯

# ବଡ଼ିର କଥା

**ଅପର୍ଣ୍ଣା ନାୟକ**

ଓଡ଼ିଆ ମାନଙ୍କର ଗୋଟିଏ ବିଶେଷତ୍ୱ ହେଉଛି ସେମାନେ ଖାଦ୍ୟ-ପ୍ରିୟ । କିନ୍ତୁ ତାର ଅର୍ଥ ନୁହେଁ ଯେ ସେମାନେ ଦାମୀ ଖାଦ୍ୟ ଖାଇବାକୁ ଭଲପାଆନ୍ତି । ସହଜ, ସରଳ ଅଥଚ ପାଟିସୁଆଦ ଖାଦ୍ୟ ସେମାନଙ୍କର ପସନ୍ଦ । କୁହାଯାଏ ଯେ, ଗୋଟିଏ ଲୋକଗୋଷ୍ଠୀର ପରିଚୟ, ତାର ଖାଦ୍ୟ, ବେଶପଟା ଓ ଭାଷା ସାହିତ୍ୟରେ ସାମିଲ ହୋଇରହିଥାଏ । ଓଡ଼ିଆ ଖାଦ୍ୟ ସରଳ। ବଡ଼ି, ଆଚାର, ପିଠାପଣା, ଠୁକ୍‌ଠୁକା ଓ ବେସର, ଶାକର, ମହୁର ତଥା ଘାଣ୍ଟ ଭଳି ତରକାରି ଦେଖିଲେ ଜଣାପଡ଼େ, ଆମେ, ଓଡ଼ିଆମାନେ କେବଳ ସରଳ ନୋହୁଁ ଆମେମାନେ ସହଜ, ସାଧାରଣ ଓ କଳାପ୍ରିୟ ମଧ୍ୟ । ଓଡ଼ିଆଙ୍କ ଘରେ ଘରେ ଅତିପ୍ରିୟ ଖାଦ୍ୟ ସାମଗ୍ରିଟି ହେଉଛି ବଡ଼ି। ଓଡ଼ିଆ ବ୍ୟଞ୍ଜନରେ ବଡ଼ିର ପ୍ରଭାବ ସହର ଠାରୁ ଗାଁ ଯାଏ ପ୍ରସାରିତ । ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଏହାର ନାମ ହେଉଛି ନାଡ଼ି, କାରଣ ବଡ଼ିର ସ୍ୱରୂପ ସେଠି ନାଡ଼ ଭଳି ମୋଡ଼ି ମୋଡ଼ିକା । ମତେ କିଏ ତରକାରି ବା ଘାଣ୍ଟରେ ପକାଇ ଖାଏ ତ କିଏ ଶାଗରେ ପାକାଇ ଖାଏ । ଆଉ କିଏ ପଖାଳ ସହ ମଜା ଉଠାଏ । ପଖାଳ ବଢ଼ା ହେବା ପୂର୍ବରୁ କେହି କେହି ଫରମାଇସ କରନ୍ତି 'ପଖାଳ ସହ ମାଛ ଭଜା, ଶାଗଭଜା ଯେତେ ଯାହା ଭର୍ତ୍ତା ହୋଇଥାଉ କି ନାହିଁ କିନ୍ତୁ ଶାଗବଡ଼ି ଚୁରା ହୋଇଛି ନା ନାହିଁ ?' ସତେ ଯେମିତି ଆମ ପାଖଳ ଖିଆ ସହ ବଡ଼ି ଅଙ୍ଗାଙ୍ଗିଭାବରେ ଜଡ଼ିତ ।

ବଡ଼ିର ବିଭିନ୍ନ ପ୍ରକାର ମଧ୍ୟ ଅଛି। ସେଗୁଡ଼ିକ ହେଉଛି କଖାରୁ ବଡ଼ି, ଫୁଲ ବଡ଼ି, ମଞ୍ଜି ବଡ଼ି, ଆଖି ବଡ଼ି ଓ ରାଶି ବଡ଼ି ଆଦି। ସେମିତି ଏହାର ଆକାର ବି ଭଳିକି ଭଳି । ଛୋଟ, ବଡ଼, ଚେପଟା ଓ ନାଡ ପରି ଲମ୍ବା । ବଡ଼ି ତିଆରି କରିବା ପାଇଁ ପାଣି କଖାରୁ ଅନ୍ତି ସହ ଦରକାରି ହୁଏ ବଟା ହୋଇଥିବା ବିରି । ବିରିକୁ ନୋଳରେ ନୋଳି ଯେତେ ଫଳ ଫଳିଆ କରାଯିବ ବଡ଼ି ସେତେ ସୁନ୍ଦର ଉତୁରିବ । ସେଇଥି ପାଇଁ ବଡ଼ି ତିଆରି କରିବା ଆଗରୁ ବଟା ବିରିକୁ ବହୁତ ସମୟ ଫେଣେଇବାକୁ ପଡ଼େ । କେହି କେହି ଏଥିରେ ଜୁଆଣୀ କିମ୍ବା ଜିରା ବ୍ୟବହାର କରିଥାନ୍ତି ଯାହାଦ୍ୱାରା ଏହା ଶୀଘ୍ର ଖରାପ ହୋଇନଥାଏ ଏବଂ ହଜମକାରକ ମଧ୍ୟ ହୋଇଥାଏ। କେହି କେହି ଅଦା କିମ୍ବା ଗୋଲମରିଚ ପକାଯାଇଥିବା ବଡ଼ି ତିଆରି କରନ୍ତି କିନ୍ତୁ ଏହା ଅଧିକ ଦିନ ରହିପାରି ନଥାଏ। ଏ କାମଟି ଗାଁ ଗହଳରେ ବୟସ୍କା ମା'ମାଉସୀମାନେ ଭାରି ସୁନ୍ଦର ଭାବେ କରିପାରନ୍ତି । ଟିଣ, କୁଲା, ଡାଏଲା ବା ମସିଣା ଉପରେ ପରିଷ୍କାର ଧଳା କନା ପକାଇ ଯେତେବେଳେ ବଡ଼ି ଗଢ଼ାଯାଏ, ତାହା ଦେଖିବାକୁ ଚମତ୍କାର ଲାଗେ । ବଡ଼ି ତିଆରି କଲାବେଳେ କୁହାଯାଏ, 'ଅମୁକ ବଡ଼ି ପାରୁଛି' । ଓଡ଼ିଆ ଭାଷାରେ ଏମିତି ବର୍ଣ୍ଣନା ନିଶ୍ଚିନ୍ତ ଭାବେ ଏହି ଛୋଟିଆ ଖାଦ୍ୟ ବଡ଼ି ପାଇଁ ଗର୍ବର କଥା। ଥରେ ପାରିଦେବା ପରେ ବଡ଼ିକୁ ଖରାରେ ଶୁଖେଇ ସିଦ୍ଧ କରିବା ଦରକାର ପଡ଼େ । ଆଚାର ଭଳି ବଡ଼ି ଏକ ସୌରରଶ୍ମି - ସିଦ୍ଧ ଖାଦ୍ୟ ପଦାର୍ଥ । ହେଲେ ବଡ଼ିକୁ ସିଧାସଳଖ ଖିଆଯାଏ ନାହିଁ । ଏହାକୁ ଭାଜି କିମ୍ବା ନିଆଁରେ ପୋଡ଼ି ଅତି ଚମତ୍କାର ଭାବେ ସୁସ୍ୱାଦୁ କରାଯାଇଥାଏ। ଏବେ ଗ୍ରାମାଞ୍ଚଳ ସହରାଞ୍ଚଳ ସମେତ ଆଦିବାସୀ ମହିଳାମାନେ ମଧ୍ୟ ସେମାନଙ୍କର ସ୍ୱୟଂ ସହାୟକ ସଂଗଠନ ମାଧ୍ୟମରେ ଏହି ବଡ଼ି ବିଭିନ୍ନ ପ୍ରକାର ତିଆରି କରି କେବଳ ଭଲ ବେପାର କରିନାହାନ୍ତି ବରଂ ଓଡ଼ିଶାର ଏହି ପ୍ରାଚୀନତମ ଖାଦ୍ୟର ଅନ୍ୟତମ ଲୋକପ୍ରିୟ ସହାୟକ ସାମଗ୍ରୀଟି ବିଶ୍ୱର ବିଭିନ୍ନ ସ୍ଥାନରେ ପହଞ୍ଚିଲାଣି। ଆଜିକାଲି ବଡ଼ ବଡ଼ ସପିଂ ମଲ୍ ଏବଂ ସରକାରୀ ବା ବେସରକାରୀ ମେଳା ମହୋତ୍ସବରେ ଅଧିକରୁ ଅଧିକତମ ଭାବେ ବଡ଼ିର ବେପାର ହେଉଛି। ଅନଲାଇନରେ ମଧ୍ୟ ଅନେକ ସଂଗଠନ ଘର ପର୍ଯ୍ୟନ୍ତ ବଡ଼ି ପହଞ୍ଚାଇ ଦେଉଛନ୍ତି। ଗାଁ ଗହଳରେ କିଛି ଲୋକ ଅଧିକ ପରିମାଣରେ ତିଆରି କରି ଦୁଇପଇସା ରୋଜଗାର କରିବାର ପନ୍ଥା ବି ବାହାର କଲେଣି । ଏଇଠି ଗୋଟିଏ ଜାଣିବା କଥା । ସବୁ ବିରିରେ ବଡ଼ି ଭଲ ପ୍ରସ୍ତୁତ ହୋଇପାରିନଥାଏ । କେନ୍ଦୁଝରର ବଡ଼ି ଭାରି ପ୍ରସିଦ୍ଧ ଓ ଲୋକପ୍ରିୟ ଏହା ପଛର କାରଣ ହେଉଛି ସେ ଅଞ୍ଚଳରେ ଏକ ପ୍ରକାର ସ୍ୱତନ୍ତ୍ର ବିରି ଚାଷ ହୋଇଥାଏ ଯାହାକି ଉତ୍କୃଷ୍ଟ ଓ ଭଲ ଧରଣର ବଡ଼ି ତିଆରି କରିବାରେ ସହାୟକ ହୋଇଥାଏ। ବଡ଼ିର ଲୋଡ଼ାପଣ ଓ ଆଦର ସବୁଘରେ ଆଉ ଗରିବ ଠାରୁ ଧନୀ ସମସ୍ତଙ୍କ ପାଖରେ। ଆମ ମାନଙ୍କ ଘର ପିଣ୍ଡାରୁ ବଡ଼ି ଏବେ ଭାରତ ବାହାରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଆଦର ପାଇଲିଣି। ବଡ଼ିକୁ ନେଇ ସରକାର ମଧ୍ୟ ପ୍ରୋତ୍ସାହନ ଦେଲେଣି ଅନେକ ମାଆ-ମାଉସୀ ମୋ ପ୍ରସ୍ତୁତିରେ ସେମାନଙ୍କ ନିତିଦିନିଆ ଗୁଜୁରାଣ ଚଳାଇବା ସହ ସ୍ୱାବଲମ୍ବୀ ହୋଇପାରୁଛି। ବଡ଼ି ଏପରି ଏକ ଖାଦ୍ୟ ଉପଯୋଗୀ ସାମଗ୍ରୀ ଯାହାକି ତାହାର ଶାରୀରିକ ଭାବେ କୌଣସି କ୍ଷତି କରିନଥାଏ। ସତରେ କେତେ ସ୍ୱାସ୍ଥ୍ୟପ୍ରଦ ଓ କମ ପଇସାରେ ଭଲ ଖାଦ୍ୟ ସାମଗ୍ରୀଟି ଏହି ବଡ଼ି !!

**ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ,
ପିନ-୧୧୦୦୪୬**



# ବର୍ଷକୁ କୋଟି କୋଟି ଟଙ୍କା ଆୟ କରୁଛି ମାୟାବତୀଙ୍କ ବିଏସପି !

**ନୂଆଦିଲ୍ଲୀ,୩୦।୯(ଏଜେନ୍ସି):**ସଂସଦ ଓ ବିଧାନସଭାରେ ନେତାଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଥିଲେ ବି ବହୁଜନ ସମାଜ ପାର୍ଟି ର ଆର୍ଥିକ ସ୍ଥିତି ଆଜି ବି ବେଶ୍ ମଜବୁତ ରହିଛି। ଉତ୍ତର ପ୍ରଦେଶ ବିଧାନସଭାରେ ପାର୍ଟିର ଏକମାତ୍ର ବିଧାୟକଙ୍କ ପରଲୋକ ପରେ ଦଳର ଖାତା ସମ୍ପୂର୍ଣ୍ଣ ଖାଲି ହୋଇଯାଇଛି। ସେହିପରି ରାଜ୍ୟସଭାରେ ମଧ୍ୟ ଦଳର କୌଣସି ପ୍ରତିନିଧି ନାହାନ୍ତି। ୧୯୮୯ ମସିହା ପରଠାରୁ ଏହା ପ୍ରଥମ ଘଟଣା, ଯେତେବେଳେ ଉଭୟ ଗୃହରେ ବିଏସପିର ଉପସ୍ଥିତି ପ୍ରାୟ ଶୂନ୍ୟ। ଏଭଳି ରାଜନୈତିକ ସଙ୍କଟ ସତ୍ତ୍ୱେ କୌଣସି ବିଧାୟକ କିମ୍ବା ବଡ଼ ସାଂସଦ ବଳ ନଥାଇ ମାୟାବତୀଙ୍କ ଦଳ କିପରି ନିଜର ବିଶାଳ ପାଣ୍ଠି ପରିଚାଳନା କରୁଛି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯାଇଥିବା ରିପୋର୍ଟ ଅନୁଯାୟୀ, ଗୋଟିଏ ବର୍ଷ ମଧ୍ୟରେ ବିଏସପି ପ୍ରାୟ ୫୮.୫୮ କୋଟି ଟଙ୍କା ଆୟ କରିଛି, ଯାହା ଅନେକ ଆଞ୍ଚଳିକ ଦଳଙ୍କ ତୁଳନାରେ ଯଥେଷ୍ଟ ଅଧିକ। ବିଏସପିର ଆୟର ସବୁଠାରୁ ବଡ଼ ଉତ୍ସ ହେଉଛି ବ୍ୟାଙ୍କରେ ଗଚ୍ଛିତ ଥିବା ନଗଦ ଟଙ୍କାର ଫିକ୍ସଡ୍ ଡିପୋଜିଟ୍‌ରୁ ମିଳୁଥିବା ସୁଧ।କୋଟି କୋଟି ଟଙ୍କାର ଆୟ ମଧ୍ୟରୁ କେବଳ ବ୍ୟାଙ୍କ ସୁଧ ବାବଦକୁ ଦଳକୁ ୪୬.୨୮ କୋଟି ଟଙ୍କା ମିଳିଛି। ଦଳୀୟ



ସଭ୍ୟମାନଙ୍କ ଚାନ୍ଦାରୁ ୧୨.୩୦ କୋଟି ଟଙ୍କା ସଂଗୃହୀତ ହୋଇଛି। ସେହିପରି ପୁରୁଣା ସମ୍ପତ୍ତି ବିକ୍ରିରୁ ପ୍ରାୟ ୧.୪୧ କୋଟି ଟଙ୍କା ଆସିଛି ।ଗୋଟିଏ ପଟେ ଦେଶର ବଡ଼ ବଡ଼ ଜାତୀୟ ଦଳଗୁଡ଼ିକ କର୍ପୋରେଟ୍ ସଂସ୍ଥା ଓ ନିର୍ବାଚନୀ ବଣ୍ଡ ଜରିଆରେ କୋଟି କୋଟି ଟଙ୍କାର ବଡ଼ ବଡ଼ ଚାନ୍ଦା ଗ୍ରହଣ କରୁଥିବା ବେଳେ, ବିଏସପି ଦାବି କରିଛି ଯେ ସେମାନଙ୍କୁ ୨୦,୦୦୦ ଟଙ୍କାରୁ ଅଧିକ ପରିମାଣର ଗୋଟିଏ ହେଲେ ବି ବଡ଼ ଚାନ୍ଦା ମିଳିନାହିଁ। ମାୟାବତୀଙ୍କ ନୀତି ଅନୁଯାୟୀ, ଦଳ କୌଣସି ବଡ଼ କର୍ପୋରେଟ୍ ସଂସ୍ଥା ଉପରେ ନିର୍ଭର ନକରି ନିଜର କର୍ମୀ ଓ ସମର୍ଥକଙ୍କଠାରୁ ଛୋଟ ଛୋଟ ଅନୁଦାନ (୫ ରୁ ୧୦ ଟଙ୍କା) ଏବଂ ସଭ୍ୟ ପଦ ଫି' ସଂଗ୍ରହ କରି ଦଳ ପରିଚାଳନା କରେ।ମାର୍ଚ୍ଚ ୨୦୨୪ ସୁଦ୍ଧା ବିଏସପିର ମୋଟ କର୍ପସ୍ ଫଣ୍ଡ ୭୩୯ କୋଟି ଟଙ୍କା ଥିବା ବେଳେ ମାର୍ଚ୍ଚ ୨୦୨୫ ସୁଦ୍ଧା ଏହା କମି ୬୬୬ କୋଟି ଟଙ୍କାରେ ପହଞ୍ଚିଛି। ଦଳ ନିକଟରେ ପ୍ରାୟ ୬୧.୫୨ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ଏଥିମଧ୍ୟରେ ଦଳୀୟ କାର୍ଯ୍ୟାଳୟ/କୋଠା (୨୩.୪୦ କୋଟି), ଆବାସିକ ଫ୍ଲାଟ୍ (୯.୯୯ କୋଟି), ଜମି (୧.୭୬ କୋଟି), ଆସବାବପତ୍ର (୫.୬୫ କୋଟି) ଏବଂ ଗାଡ଼ି (୧୩.୩୦ କୋଟି) ଅନ୍ତର୍ଭୁକ୍ତ। ଆୟ ୫୮.୫୮ କୋଟି ଟଙ୍କା ହୋଇଥିବା ବେଳେ ବିଭିନ୍ନ ନିର୍ବାଚନୀ ପ୍ରଚାର, ଦଳୀୟ ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟରେ ମୋଟ ୧୦୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହା ଆୟଠାରୁ ଅଧିକ ହୋଇଥିବାରୁ ମୋଟ ପାଣ୍ଠି କିଛି ମାତ୍ରାରେ ହ୍ରାସ ପାଇଛି ।ରାଜନୈତିକ ପତିଆରା କ୍ରମଶଃ ଖସୁଥିଲେ ମଧ୍ୟ ନିଜର ପୁରୁଣା ଆର୍ଥିକ ରଣନୀତି, ବ୍ୟାଙ୍କ ବାଲାନ୍ସ ଓ ସମର୍ପିତ ସମର୍ଥକଙ୍କ ବଳରେ ବିଏସପି ଆଜି ବି ଦେଶର ଅନ୍ୟତମ ଧନୀ ରାଜନୈତିକ ଦଳ ଭାବେ ଛିଡ଼ା ହୋଇପାରିଛି।

## ଭାରତ ପାଣିକୁ ଅସ୍ତ୍ର କରୁଛି
# ସିନ୍ଧୁ ଜଳକୁ ନେଇ ପାକିସ୍ତାନର ପୁଣି ଅଭିଯୋଗ

**ନୂଆଦିଲ୍ଲୀ,୩୦।୯(ଏଜେନ୍ସି):**ସିନ୍ଧୁ ଜଳ ସନ୍ଧିକୁ ନେଇ ଭାରତ ବିରୋଧରେ ପୁଣି ତୀବ୍ର ଅଭିଯୋଗ ଆଣିଛି ପାକିସ୍ତାନ । ପାକିସ୍ତାନର ସୂଚନା ମନ୍ତ୍ରୀ ଅତାଉଲ୍ଲାହ ତରାର କହିଛନ୍ତି ଯେ, ପାକିସ୍ତାନ ଶାନ୍ତିରେ ବିଶ୍ୱାସ କରେ, କିନ୍ତୁ ଭାରତକୁ ପାଣିକୁ 'ଅସ୍ତ୍ର' ଭାବେ ବ୍ୟବହାର କରିବାକୁ ଦିଆଯିବ ନାହିଁ । ଇସଲାମାବାଦସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍‌ରେ ସିନ୍ଧୁ ଜଳ ସନ୍ଧି ଉପରେ ଏକ ରିପୋର୍ଟ ପ୍ରକାଶ କାର୍ଯ୍ୟକ୍ରମରେ ଯୋଗଦେଇ ତରାର ଏହି ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ସନ୍ଧି ପାକିସ୍ତାନର ପ୍ରାୟ ୨୪ କୋଟି ଲୋକଙ୍କ ମୌଳିକ ଅଧିକାର ସହ ଜଡ଼ିତ ।ତରାରଙ୍କ ଦାବି ଅନୁସାରେ, ସିନ୍ଧୁ ଜଳ ସନ୍ଧିକୁ ଭାରତ ଏକପାଖିଆ ଭାବେ ବଦଳାଇ, ରଦ୍ଦ କିମ୍ବା ସ୍ଥଗିତ କରିପାରିବ ନାହିଁ । ବିବାଦ ଉପୁଜିଲେ ମଧ୍ୟ ସନ୍ଧିରେ ଥିବା ନିୟମ ଓ ବିବାଦ ସମାଧାନ ବ୍ୟବସ୍ଥାକୁ ଅନୁସରଣ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି ।



ଏହାସହ ତରାର ଅନ୍ତର୍ଜାତୀୟ ସୀମାପାର ଜଳ ପରିଚାଳନାକୁ ନେଇ ମଧ୍ୟ ଚେତାବନୀ ଦେଇଛନ୍ତି। ତାଙ୍କ କହିବା ଅନୁସାରେ, ଯଦି କୌଣସି ଦେଶ ଏକ ବାଧ୍ୟତାମୂଳକ ଅନ୍ତର୍ଜାତୀୟ ଜଳ ସନ୍ଧିକୁ ଏକପାଖିଆ ଭାବେ ସ୍ଥଗିତ ରଖିପାରେ, ତେବେ ଏହାର ପ୍ରଭାବ ବିଶ୍ୱର ଅନ୍ୟ ସୀମାପାର ଜଳ ବଣ୍ଟନ ବ୍ୟବସ୍ଥା ଉପରେ ପଡ଼ିପାରେ ।ସେହିପରି, ତରାର ସ୍ଥାୟୀ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ର ନିକଟତମ ନିଷ୍ପତ୍ତିକୁ ମଧ୍ୟ ଉଲ୍ଲେଖ କରିଛନ୍ତି। ପାକିସ୍ତାନ ସରକାରର ଦାବି ହେଉଛି, ସେହି ନିଷ୍ପତ୍ତି ସନ୍ଧିର ସ୍ଥିତିକୁ ଏକପାଖିଆ ଭାବେ ବଦଳାଇବା ଯାଇପାରିବ ନାହିଁ ବୋଲି ତାଙ୍କ ଯୁକ୍ତିକୁ ସମର୍ଥନ କରିଛି। ଭାରତ ଏହି ମାମଲାରେ ଭିନ୍ନ ଆଇନଗତ ଓ କୂଟନୈତିକ ଆଭିମୁଖ୍ୟ ରଖିଛି ।ତରାର ଆହୁରି କହିଛନ୍ତି ଯେ, ପାକିସ୍ତାନ ଏହି ପ୍ରସଙ୍ଗକୁ କୂଟନୈତିକ ମାଧ୍ୟମରେ ଅନ୍ତର୍ଜାତୀୟ ସମୁଦାୟ ସମ୍ମୁଖରେ ଉଠାଇବ ଏବଂ ନିଜର ଜାତୀୟ ସ୍ୱାର୍ଥର ସୁରକ୍ଷା କରିବ । ଏହା ପୂର୍ବରୁ ଜାତିସଂଘ ସାଧାରଣ ସଭାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ମଧ୍ୟ ସିନ୍ଧୁ ଜଳକୁ ପାକିସ୍ତାନର 'ଜୀବନରେଖା' ବୋଲି କହିଥିଲେ ।

# ରେଡ୍ ବୁଲ୍‌କୁ ବଡ଼ ଆଶ୍ୱସ୍ତି

**ନୂଆଦିଲ୍ଲୀ,୩୦।୯(ଏଜେନ୍ସି):**ବିଶ୍ୱପ୍ରସିଦ୍ଧ ପାନୀୟ କମ୍ପାନୀ 'ରେଡ୍ ବୁଲ୍'କୁ ଦିଲ୍ଲୀ ହାଇକୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଉତ୍ପାଦରୁ 'Energy Drink' (ଏନର୍ଜି ଡ୍ରିଙ୍କ୍) ଶବ୍ଦ ହଟାଇବା ପାଇଁ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଦେଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ଅମିତ ମହାଜନଙ୍କ ଖଣ୍ଡପୀଠ ରେଡ୍ ବୁଲ୍‌ର ଆବେଦନ ଉପରେ ଶୁଣାଣି କରି FSSAIର ଗତ ଜୁନ୍ ୩୦ ତାରିଖର ନିର୍ଦ୍ଦେଶକୁ ଖାରଜ କରିଛନ୍ତି। କୋର୍ଟ ନିଜ ରାୟରେ କହିଛନ୍ତି ଯେ, ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ କମ୍ପାନୀକୁ ନିଜର ପକ୍ଷ ରଖିବା ପାଇଁ କୌଣସି କାରଣ ଦର୍ଶାଅ ନୋଟିସ୍ ଦିଆଯାଇ ନଥିଲା। ଏହା ନିୟମର ଉଲ୍ଲଂଘନ ଅଟେ ।କମ୍ପାନୀ ପକ୍ଷରୁ କୋର୍ଟରେ ଯୁକ୍ତି ଦର୍ଶାଯାଇଥିଲା ଯେ, ସେମାନେ ୨୦୦୨ ମସିହାରୁ ଭାରତରେ 'ଏନର୍ଜି ଡ୍ରିଙ୍କ' ଶବ୍ଦ ବ୍ୟବହାର କରିଆସୁଛନ୍ତି ଏବଂ ଏଫଏସଏସଏଆଇ ନିକଟରୁ ଏଥିପାଇଁ ଆବଶ୍ୟକୀୟ ଲାଇସେନ୍ସ ଓ ଅନୁମୋଦନ ମଧ୍ୟ ରହିଛି। ମାତ୍ର ଏଫଏସଏସଏଆଇ ବିନା କୌଣସି ପୂର୍ବ ସୂଚନାରେ ସିଧାସଳଖ ନିର୍ଦ୍ଦେଶ ଜାରି କରିଥିଲା ।ତେବେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, କେବଳ ଆଇନଗତ ପ୍ରକ୍ରିୟାକୁ ନେଇ ଏହି ଆଦେଶ ରଦ୍ଦ କରାଯାଇଛି। 'ଏନର୍ଜି ଡ୍ରିଙ୍କ' ଶବ୍ଦର ବ୍ୟବହାର ଉପରେ କୌଣସି ଅନ୍ତିମ ନିଷ୍ପତ୍ତି ଦିଆଯାଇ ନାହିଁ। ଏଫଏସଏସଏଆଇ ଚାହିଁଲେ ନିୟମାନୁସାରେ ରେଡ୍ ବୁଲ୍‌କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି, କମ୍ପାନୀର ପକ୍ଷ ଶୁଣିବା ପରେ ପୁନର୍ବାର ନୂଆ ନିଷ୍ପତ୍ତି ନେଇପାରିବ।

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ
# ୬୦୦ ପ୍ରତିଯୋଗୀଙ୍କ ମଧ୍ୟରୁ ୨୭ ଜଣ ମନୋନୀତ

**ମାଲକାନଗିରି, ୩୦/୯(ନି.ପ୍ର):** ଚିତ୍ରକୋଣ୍ଡା ବ୍ଲକ ପଡ଼ିଆରେ ଦୁଇଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା-୨୦୨୬ ଶାନ୍ତିଶୃଙ୍ଖଳାର ସହ ଉଦଯାପିତ ହୋଇଛି। ଜିଲ୍ଲାର ୭ଟି ବ୍ଲକରୁ ପ୍ରାୟ ୬୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ବିଭାଗରେ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ।

ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଉଦଯାପନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ମୁଖ୍ୟ ଅତିଥି ଭାବେ ଜିଲ୍ଲା ଚେୟାରମ୍ୟାନ୍ ଶ୍ରୀମତୀ ସମାରୀ ଟାଙ୍ଗୁଲ, ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀମତୀ ମଞ୍ଜୁଲତା ଭୋଇ, ଜିଲ୍ଲା କ୍ରୀଡ଼ା ପ୍ରଶିକ୍ଷକ ଶ୍ରୀ କାର୍ତ୍ତିକ ଚନ୍ଦ୍ର ବେହେରା, ବ୍ଲକ ଚେୟାରମ୍ୟାନ୍ ସୁଶ୍ରୀ ରାଜେଶ୍ୱରୀ ଖିଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଭାଗିରଥୀ ବେହେରା, ଚିତ୍ରକୋଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଜାନକୀ ହନ୍ତାଳ, ସମିତି ସଭ୍ୟ ଶ୍ରୀ ରାଜକୋମଳ ପୁରୋହିତ, ତହସିଲଦାର ଶ୍ରୀ ନଟବର ଗରଡ଼ାଙ୍କ ସମେତ ଅଗ୍ନିଶମ ବିଭାଗ, ଡାକ୍ତରଖାନା ଓ ପୁଲିସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ବାଳକ ବର୍ଗର ୧୪ ବର୍ଷରୁ କମ୍ ବୟସ ବିଭାଗରୁ ୫ ଜଣ ଏବଂ ୧୭ ବର୍ଷରୁ କମ୍ ବୟସ ବିଭାଗରୁ ୧୦ ଜଣ, ସେହିପରି ବାଳିକା ବର୍ଗର ୧୪ ବର୍ଷରୁ କମ୍ ବୟସ ବିଭାଗରୁ ୬ ଜଣ ଏବଂ ୧୭ ବର୍ଷରୁ କମ୍ ବୟସ ବିଭାଗରୁ ୬ ଜଣଙ୍କୁ ମିଶାଇ ମୋଟ ୨୭ ଜଣ ପ୍ରତିଭାବାନ କ୍ରୀଡ଼ାବିତ୍ ? ରାଜ୍ୟସ୍ତରୀୟ କ୍ରୀଡ଼ା ପାଇଁ ମନୋନୀତ ହୋଇଛନ୍ତି। ଏହି କ୍ରୀଡ଼ା ମହୋତ୍ସବ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭା ବିକାଶ ସହ ଶୃଙ୍ଖଳା, ଦଳଗତ ଭାବନା ଓ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟିରେ ସହାୟକ ହୋଇଥିଲା। ସମସ୍ତ ଖେଳ ଶିକ୍ଷକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଚିତ୍ରକୋଣ୍ଡା ବ୍ଲକର ଶିକ୍ଷକମାନଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

# ଏମ୍‌ଭି-୫୩ରୁ ଭାରତୀୟ ବଜ୍ରକୀଟ ଉଦ୍ଧାର



ବଜ୍ରକୀଟ ଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ବନ ବିଭାଗକୁ ବିଶ୍ୱସନୀୟ ସୂଚନା ମିଳିଥିଲା। ସୂଚନା ପାଇବା ପରେ ବନ ବିଭାଗର କର୍ମଚାରୀମାନେ ଗ୍ରାମରେ ପହଞ୍ଚି ବଜ୍ରକୀଟଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ଏହାକୁ ଆବଶ୍ୟକ ଚିକିତ୍ସା ପରୀକ୍ଷା ସହ ନିରୀକ୍ଷଣ ଓ ଯତ୍ନରେ ରଖାଯାଇଛି। ବର୍ତ୍ତମାନ ବଜ୍ରକୀଟଟି ବନ ବିଭାଗର ତତ୍ତ୍ୱାବଧାନରେ ରହିଛି। ବଜ୍ରକୀଟଟି ସମ୍ପୂର୍ଣ୍ଣ ସୁସ୍ଥ ଓ ପ୍ରାକୃତିକ ପରିବେଶରେ ରହିବା ପାଇଁ ଉପଯୁକ୍ତ ଥିବା ନିଶ୍ଚିତ ହେବା ପରେ ବନ ବିଭାଗର ନିୟମାନୁସାରେ ଏହାକୁ ପୁଣି ତା'ର ପ୍ରାକୃତିକ ବାସସ୍ଥାନରେ ଛାଡ଼ି ଦିଆଯିବ। ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ସ୍ଥାନୀୟ ଲୋକଙ୍କ ସଚେତନତା ଓ ସହଯୋଗ ଯୋଗୁଁ ଏହି ଉଦ୍ଧାର ସମ୍ଭବ ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଇଣ୍ଡିମେଣ୍ଟ ମେଣ୍ଟ ବୈଠକରେ ଖଡଗେ ରଖିଲେ ୫ ଦାବି

**ନୂଆଦିଲ୍ଲୀ,୩୦।୯(ଏଜେନ୍ସି):**ଭାରତରେ ବିରୋଧୀ ରାଜନୈତିକ ଦଳଙ୍କ ସମୂହ ଇଣ୍ଡିମେଣ୍ଟ ବୈଠକ ୩୦ ସେପ୍ଟେମ୍ବର ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଗଡ଼ବଡ଼ ଅଭିଯୋଗକୁ ନେଇ ମିଳିତ ଆନ୍ଦୋଳନ ଯୋଜନାକୁ ଚୂଡ଼ାନ୍ତ ରୂପ ଦେବା ନିମନ୍ତେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଇଣ୍ଡିମେଣ୍ଟ ବୈଠକରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ)କୁ ଖାରଜ କରି ବାଲଟ ଭୋଟିଂକୁ ଫେରି ଆସିବାକୁ ଦାବି କରିଛନ୍ତି ।ଇଣ୍ଡିମେଣ୍ଟ ବୈଠକରେ ମଲ୍ଲିକାର୍ଜୁନ ଖଡଗେ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ସାନିଆ ଗାନ୍ଧି, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ଉମର ଅବଦୁଲ୍ଲା, ମମତା ବାନାର୍ଜୀ ଓ ମହବୁବା ମୁଫ୍ତିଙ୍କ ସମେତ ଅନେକ ବଡ଼ ନେତା ଯୋଗ ଦେଇଛନ୍ତି। ଏହି ବୈଠକରେ କଂଗ୍ରେସ ସଭାପତି ଖଡଗେ ୫ଟି ଦାବି ରଖିଛନ୍ତି। ଏଥିରେଭବିଷ୍ୟତର ନିର୍ବାଚନରେ ଏସଆଇଆର ପୂର୍ବର ଭୋଟର ଲିଷ୍ଟ ବ୍ୟବହାର କରାଯିବା । ଭୋଟର ଲିଷ୍ଟରୁ କୌଣସି ଭୋଟରର ନାମ ହଟିଲେ ଅପିଲର ପ୍ରଭାବୀ ପ୍ରକ୍ରିୟା ରହିବା । ପ୍ରଶାସନିକ ତ୍ରୁଟି ଯୋଗୁ ଯୋଗ୍ୟ ଭୋଟରଙ୍କ ନାମ କଟିବାରୁ ବର୍ତ୍ତିବା । ଇଭିଏମ ବଦଳେ ବାଲଟ ପେପର ଭୋଟିଂପ୍ରଥମ ଥର ଭୋଟ ଦେଉଥିବା ଭୋଟର ଙ୍କ ଲାଗି ସହଜ ଓ ସରଳ ଭୋଟର ରେଜିଷ୍ଟ୍ରେସନଆଦି ଦାବି ରଖିଛନ୍ତି ।ଇଣ୍ଡି ମେଣ୍ଟର ଏହି ଦାବି ଗତ ସପ୍ତାହରେ ଇଂରାଜୀ ସମ୍ବାଦପତ୍ର 'ଇଣ୍ଡିଆନ ଏକ୍ସପ୍ରେସ୍' ର ଏକ ରିପୋର୍ଟ ସାମ୍ନାକୁ



ଆସିବା ପରେ ଆସିଛି। ଏହି ରିପୋର୍ଟରେ କୁହାଯାଇଥିଲା ଯେ ଏସଆଇଆର ପ୍ରକ୍ରିୟା ସମ୍ପର୍କିତ ନିଷ୍ପତ୍ତି ଓ ଆଦେଶରେ ନିର୍ବାଚନ କମିଶନର ସୁଖବୀର ସିଂହ ସନ୍ଧୁ ଓ ବିବେକ ଯୋଶୀ ଏସଆଇଆର ସମ୍ପର୍କରେ ୧୦ ମାସରେ ୧୪ଟି ଅଧିକାରୀକ ଆପତ୍ତି କରିଥିଲେ। ଏହି ରିପୋର୍ଟ ସାମ୍ନାକୁ ଆସିବା ପରେ ନିର୍ବାଚନ ଆୟୋଗ ପ୍ରେସ୍ ନୋଟ୍ ଜାରି କରି କହିଥିଲେ ଯେ ଏସଆଇଆରକୁ ନେଇ ସବୁ ନିଷ୍ପତ୍ତି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହିତ ନିର୍ବାଚନ କମିଶନର ସୁଖବୀର ସିଂହ ସନ୍ଧୁ ଓ ବିବେକ ଯୋଶୀଙ୍କ ସହମତିରେ ନିଆଯାଇଥିଲା ।ବୈଠକରେ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ସାରା ଦେଶରେ ନାଗରିକ ଓ ରାଜନୈତିକ ଦଳ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟକୁ ନେଇ ଚିନ୍ତା ବ୍ୟକ୍ତ କରୁଛନ୍ତି। ଦୀର୍ଘ ବର୍ଷରୁ ଆମେ ଇଭିଏମ ନେଇ ଜବାବ ମାଗି ଆସୁଛେ, ଆମେ ଭୋଟର ଲିଷ୍ଟରେ ହେରଫେର ଓ ନିର୍ବାଚନ ଲିଷ୍ଟରେ ବିନା କାରଣରେ କରାଯାଉଥିବା ପରିବର୍ତ୍ତନ ଉପରେ ପ୍ରଶ୍ନ ଉଠାଉଛେ। ଖଡଗେ କହିଛନ୍ତି ଯେ ବିରୋଧୀ ଦଳ ନେତା ପ୍ରମାଣ ସହ ମହାଦେବପୁରା, ଆଲନ୍ଦ, ହରିୟାଣା ଓ ମହାରାଷ୍ଟ୍ରରେ ଭୋଟ ହେରଫେର ଅଭିଯୋଗ କରିଥିଲେ। ସେହିଭଳି ଇଣ୍ଡିମେଣ୍ଟ ପାର୍ଟି ମାନେ ମଧ୍ୟ ଏହି ମାମଲାରେ ପ୍ରଶ୍ନ ଉଠାଉଛନ୍ତି। ହେଲେ ଦୁଃଖର କଥା ଏ ସବୁ ବେକାର ହୋଇଛି ।କଂଗ୍ରେସ ନେତା କହିଛନ୍ତି ଯେ ଇଭିଏମକୁ ନେଇ ଆମର ଆଭିମୁଖ୍ୟ ସ୍ପଷ୍ଟ ହେବା ଆବଶ୍ୟକ। ଏହା ଏପରି ମେସିନ ଯାହାକୁ ବିଜେପି ନିଜ ଆବଶ୍ୟକତା ଅନୁସାରେ ଉପଯୋଗ କରୁଛି। ରାହୁଲ ଗାନ୍ଧିଙ୍କ ଶବ୍ଦରେ କହିଲେ ନିର୍ବାଚନ ଜିତିବାକୁ, ଝୁଲା ସଂସଦ କରିବା ଅଥବା ନିର୍ବାଚନ ହାରିବା ପାଇଁ ଆମେ ଏବେ ଏହି ମେସିନ ଆଉ ବ୍ୟବହାର କରିପାରିବାନି। କଂଗ୍ରେସ ସଭାପତି କହିଛନ୍ତି ଯେ ଭାରତୀୟ ନିର୍ବାଚନ ପ୍ରଣାଳୀରେ ବିଶ୍ୱାସ ସ୍ଥାପନା ପାଇଁ ଆମକୁ ବାଲଟ ବା ମତପତ୍ର ଭୋଟ କୁ ଫେରିଯିବାକୁ ପଡିବ। ଗଣତନ୍ତ୍ର ସଂସ୍ଥାଙ୍କୁ ପାରଦର୍ଶୀ ଉପାୟରେ ଜନତାଙ୍କ ବିଶ୍ୱାସ ଜିତିବା ଦରକାର।

# ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବାସଭବନ କାନ୍ଥରେ କାଳି ବୋଳିବା ଘଟଣା: ୬ କଂଗ୍ରେସ କର୍ମୀ ଗିରଫ

**ନୂଆଦିଲ୍ଲୀ,୩୦।୯(ଏଜେନ୍ସି):**ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବାସଭବନ ଆଗରେ ବିକ୍ଷୋଭ ଏବଂ କାନ୍ଥରେ କାଳି ବୋଳିବା ଅଭିଯୋଗରେ ପ୍ରାୟ ୨୦ ଜଣ କଂଗ୍ରେସ କର୍ମୀଙ୍କ ବିରୋଧରେ ହତ୍ୟା ଉଦ୍ୟମ, ସରକାରୀ କର୍ମଚାରୀଙ୍କୁ ଆକ୍ରମଣ, ସଂଘବଦ୍ଧ ହିଂସା ଏବଂ ବେଆଇନ ଅନୁପ୍ରବେଶ ଭଳି ଗୁରୁତର ଧାରାରେ ମାମଲା ରୁଜୁ କରାଯାଇଛି। ସୋମବାର ଦିନ ବିଜୟ ନଗର ଅଞ୍ଚଳରେ ଥିବା ନିର୍ବାଚନ ଆୟୁକ୍ତଙ୍କ ବାସଭବନ ଆଗରେ କଂଗ୍ରେସ କର୍ମୀମାନେ ପ୍ରତିବାଦ କରିବା ସହ ଘରର ମୁଖ୍ୟ ଫାଟକ ଏବଂ କାନ୍ଥରେ କଳା ରଙ୍ଗରେ ସ୍ଲୋଗାନ ଲେଖିଥିଲେ। ଏହି ଘଟଣାରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୬ ଜଣ କଂଗ୍ରେସ ନେତା ଅନିଲ ଯାଦବ, ମୁକେଶ ଧଙ୍ଗର, ମନୋଜ ଗୌର, ରାଜେଶ କୁମାର, ରାଜା ଗୌତମ ଓ ପଙ୍କଜ ଚୌଧୁରୀଙ୍କୁ ଗିରଫ କରି ବୁଧବାର ଜେଲକୁ ପଠାଇଦେଇଛି ।ସବ୍-ଇନ୍ସପେକ୍ଟର ଗୌରବ ଗୁପ୍ତାଙ୍କ ଲିଖିତ ଅଭିଯୋଗ ଆଧାରରେ ହରିପର୍ବତ ଥାନାରେ ୮ ଜଣ ନାମିତ ଏବଂ ୧୫ ରୁ ୨୦ ଜଣ ଅଜ୍ଞାତ କଂଗ୍ରେସ କର୍ମୀଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ବିଭିନ୍ନ ଗୁରୁତର ଧାରା ଅଧୀନରେ ମାମଲା ରୁଜୁ ହୋଇଛି। କଂଗ୍ରେସର ରାଜ୍ୟବ୍ୟାପୀ ଆନ୍ଦୋଳନର ଅଂଶବିଶେଷ ଭାବେ ଏହି ଘଟଣା ଘଟିଥିବା ବେଳେ ପୁଲିସର ଏହି ନିଷ୍ପତ୍ତିକୁ ନେଇ କଂଗ୍ରେସ ଶିବିରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।କଂଗ୍ରେସ ନଗର ସଭାପତି ଅମିତ ସିଂହ ଅଭିଯୋଗ କରିଛନ୍ତି ଯେ, କେବଳ ସାଧାରଣ ପ୍ରତିବାଦ ସମ୍ପର୍କିତ ଧାରା ଲଗାଯିବା ପରିବର୍ତ୍ତେ ପୁଲିସ କର୍ମୀମାନଙ୍କ ଉପରେ ସମ୍ପୂର୍ଣ୍ଣ ମିଥ୍ୟା ଓ ଗୁରୁତର ଆଇନଗତ ଧାରା ଲଦି ଦେଇଛି। ଏହି ମିଥ୍ୟା ମାମଲାଗୁଡ଼ିକୁ ପ୍ରତ୍ୟାହାର କରିବା ଦାବିରେ ଆଜି କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ପୁଲିସ କମିଶନରଙ୍କୁ ଭେଟି ଆଲୋଚନା କରିବେ ବୋଲି ସେ ସୂଚନା ଦେଇଛନ୍ତି।

## ମୋଦୀଙ୍କ ଡିଗ୍ରୀ ମାମଲାରେ କେଜ୍ରିୱାଲଙ୍କୁ ଝଟକା
# ୨୫ ହଜାର ଜରିମାନା ବଳବତ୍ତର

**ନୂଆଦିଲ୍ଲୀ,୩୦।୯(ଏଜେନ୍ସି):**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଗ୍ରୀ ସମ୍ପର୍କିତ ମାମଲାରେ ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଗୁଜରାଟ ହାଇକୋର୍ଟରୁ ଝଟକା ଲାଗିଛି । ଡିଗ୍ରୀ ସମ୍ପର୍କିତ ସୂଚନା ପ୍ରକାଶ ମାମଲାରେ ତାଙ୍କ ଉପରେ ଲାଗିଥିବା ୨୫ ହଜାର ଟଙ୍କା ଜରିମାନାକୁ ଚ୍ୟାଲେଞ୍ଜ କରି କେଜ୍ରିୱାଲ କରିଥିବା ଅପିଲକୁ ହାଇକୋର୍ଟ ଖାରଜ କରିଛନ୍ତି । ଏହା ସହ ପୂର୍ବରୁ ଏକକ ବିଚାରପତି ଦେଇଥିବା ରାୟରେ ହସ୍ତକ୍ଷେପ କରିବାକୁ ମଧ୍ୟ ଡିଭିଜନ୍ ବେଞ୍ଚ ମନା କରିଛନ୍ତି ।ମୁଖ୍ୟ ବିଚାରପତି ସୁନିତା ଅଗ୍ରୱାଲ ଏବଂ ବିଚାରପତି ଡିଏନ୍ ରେଙ୍କ ଖଣ୍ଡପୀଠ କେଜ୍ରିୱାଲଙ୍କ ଅପିଲର ଶୁଣାଣି କରିଥିଲେ । କୋର୍ଟ କହିଛନ୍ତି, ଅପିଲକାରୀଙ୍କ ପକ୍ଷରୁ ରଖାଯାଇଥିବା ଦଲିଲରୁ ପୂର୍ବ ରାୟରେ କୌଣସି ଆଇନଗତ ତ୍ରୁଟି ଥିବା ପ୍ରମାଣିତ ହୋଇନାହିଁ। ତେଣୁ ଅପିଲକୁ ଖାରଜ କରାଯାଉଛି ।ଏହି ମାମଲାର ମୂଳ ଘଟଣା ୨୦୧୬ ମସିହାର କେନ୍ଦ୍ରୀୟ ସୂଚନା ଆୟୋଗ ନିର୍ଦ୍ଦେଶ ସହ ଜଡିତ । CIC ଗୁଜରାଟ ୟୁନିଭର୍ସିଟିକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଡିଗ୍ରୀ ସମ୍ପର୍କିତ ସୂଚନା ଦେବାକୁ କହିଥିଲା । ଗୁଜରାଟ ୟୁନିଭର୍ସିଟି ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲା । ପରେ ୩୧ ମାର୍ଚ୍ଚ ୨୦୨୩ରେ ହାଇକୋର୍ଟର ଏକକ ବେଞ୍ଚ ଉତ୍ତର ନିର୍ଦ୍ଦେଶକୁ ରଦ୍ଦ କରିବା ସହ କେଜ୍ରିୱାଲଙ୍କ ଉପରେ ୨୫ ହଜାର ଟଙ୍କା ଖର୍ଚ୍ଚ ଲଗାଇଥିଲେ । ଏକକ ବେଞ୍ଚ ମତ ଦେଇଥିଲେ ଯେ ଜଣ୍ଡଓ ଆଇନର ଧାରା ୮(୧)(ର) ଏବଂ ୮(୧)(ହ) ଅନୁସାରେ ଶିକ୍ଷାଗତ ଡିଗ୍ରୀ ସମ୍ପର୍କିତ ଏଭଳି ସୂଚନା ପ୍ରକାଶରୁ ଛାଡ଼ ପାଇପାରେ, ଯଦି ବଡ଼ ଜନସ୍ୱାର୍ଥର ଆଧାର ନଥାଏ । ଏହି ରାୟ ବିରୋଧରେ କେଜ୍ରିୱାଲ ଅପିଲ କରିଥିଲେ । ଶୁଣାଣି ସମୟରେ କେଜ୍ରିୱାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଦଲିଲ ରଖିଥିଲେ । ସେ କହିଥିଲେ, ତାଙ୍କ ମହକିଲ ଡିଗ୍ରୀ ସୂଚନା ପାଇଁ ଲଗାତାର ଜୋର ଦେଇନଥିଲେ ଏବଂ ଉଓଉ ନିଜଆଡୁ ପ୍ରକ୍ରିୟା ଆରମ୍ଭ କରିଥିଲା । କିନ୍ତୁ ହାଇକୋର୍ଟ ଏହି ଦଲିଲରେ ପୂର୍ବ ରାୟରେ ହସ୍ତକ୍ଷେପ କରିବା ପାଇଁ କୌଣସି ଆଧାର ପାଇନଥିଲେ । ଏହି ରାୟ ପରେ କେଜ୍ରିୱାଲଙ୍କ ଉପରେ ପୂର୍ବରୁ ଲାଗିଥିବା ୨୫ ହଜାର ଟଙ୍କାର ଖର୍ଚ୍ଚ ବଳବତ୍ତର ରହିଛି। ତେବେ ହାଇକୋର୍ଟ ଏହି ଅପିଲରେ ଅତିରିକ୍ତ ଖର୍ଚ୍ଚ ଲଗାଇନାହାନ୍ତି ।

# ଆଣ୍ଟାର୍କଟିକାରେ ବରଫ ସଙ୍କଟ !

**ନୂଆଦିଲ୍ଲୀ,୩୦।୯(ଏଜେନ୍ସି):** ଆଣ୍ଟାର୍କଟିକାରେ ସମୁଦ୍ର ବରଫକୁ ନେଇ ପୁଣି ବଢ଼ିଲା ଚିନ୍ତା । ଚଳିତ ବର୍ଷ ସେଠାରେ ଶୀତକାଳୀନ ସମୁଦ୍ର ବରଫର ସର୍ବାଧିକ ପରିମାଣ ରେକର୍ଡର ତୃତୀୟ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ସେପ୍ଟେମ୍ବର ୧୪ ତାରିଖରେ ବରଫର ପରିମାଣ ପ୍ରାୟ ୧୭.୫୯ ନିୟୁତ ବର୍ଗ କିଲୋମିଟର ରହିଥିଲା ।୧୯୭୯ରୁ ସାଟେଲାଇଟ୍ ମାଧ୍ୟମରେ ନିରୀକ୍ଷଣ ଆରମ୍ଭ ହେବା ପରଠାରୁ ଏହି ହ୍ରାସ ବୈଜ୍ଞାନିକଙ୍କ ଚିନ୍ତା ବଢ଼ାଇଛି । ବୈଜ୍ଞାନିକଙ୍କ ଅନୁସାରେ, ଦୀର୍ଘମିଆଦୀ ହାରାହାରି ତୁଳନାରେ ଚଳିତ ବର୍ଷ ସମୁଦ୍ର ବରଫ ପ୍ରାୟ ୧୦ ଲକ୍ଷ ବର୍ଗ କିଲୋମିଟର କମ୍ ରହିଛି । ବିଶେଷ କଥା ହେଉଛି, ଗତ ଚାରି ବର୍ଷ ମଧ୍ୟରେ ଆଣ୍ଟାର୍କଟିକାରେ ଶୀତକାଳୀନ ସମୁଦ୍ର ବରଫର ସର୍ବାଧିକ ସ୍ତର ଲଗାତାର ଭାବେ ଅତ୍ୟନ୍ତ କମ୍ ରହିଛି ।କଲୋରାଡୋ ବିଶ୍ୱବିଦ୍ୟାଳୟର ନ୍ୟାସନାଲ୍ ସ୍ନୋ ଆଣ୍ଡ ଆଇସ୍ ଡାଟା ସେଣ୍ଟରର ବରିଷ୍ଠ ବୈଜ୍ଞାନିକ ଡ. ୱାଲ୍ଟ ମିଅରଙ୍କ କହିବା ଅନୁସାରେ, ସେପ୍ଟେମ୍ବର ୧୪ ପରେ ବରଫର ପରିମାଣ ହ୍ରାସ ପାଇବା ଆରମ୍ଭ କରିଛି । ତେଣୁ ଚଳିତ ବର୍ଷର ସର୍ବାଧିକ ସ୍ତର ରେକର୍ଡ ହୋଇସାରିଥିବା ଅନୁମାନ କରାଯାଉଛି । ମୋନାଶ୍ ବିଶ୍ୱବିଦ୍ୟାଳୟର



ଡ. ଏରିଆନ୍ ପ୍ୟୁରିଚ୍ କହିଛନ୍ତି, ଏହା ଆଉ ଗୋଟିଏ ଥର ଘଟିଥିବା ଘଟଣା ନୁହେଁ। ଲଗାତାର ଚାରିଟି ଶୀତଋତୁରେ କମ୍ ବରଫ ଦେଖାଯିବା ଜଳବାୟୁ ପରିବର୍ତ୍ତନର ସଙ୍କେତ ହୋଇପାରେ। ତାଙ୍କ ମତରେ, ଗ୍ଲୋବାଲ୍ ୱାର୍ମିଂ ଯୋଗୁଁ ସମୁଦ୍ର ବରଫର ବ୍ୟବହାର ବଦଳୁଛି ଆଣ୍ଟାର୍କଟିକାର ସମୁଦ୍ର ବରଫ ସାମୁଦ୍ରିକ ପରିବେଶ ପାଇଁ ଅତ୍ୟନ୍ତ ଜରୁରୀ । ଜୁନ୍‌ରେ ଆଣ୍ଟାର୍କଟିକାରେ ସାଧାରଣଠାରୁ ପ୍ରାୟ ୨୦ ଡିଗ୍ରୀ ସେଲସିୟସ୍ ଅଧିକ ତାପମାତ୍ରାର ହିଟ୍‌ୱେଭ୍ ମଧ୍ୟ ଦେଖାଯାଇଥିଲା । ବୈଜ୍ଞାନିକମାନେ ଫ୍ରାନ୍ସର ଆକାର ପରି ଏକ ବିଶାଳ ଖୋଲା ସମୁଦ୍ର ଅଞ୍ଚଳ ମଧ୍ୟ ଚିହ୍ନଟ କରିଥିଲେ । ତେବେ ସମୁଦ୍ରରେ ଭାସୁଥିବା ବରଫ ପିଘଳିଲେ ସିଧାସଳଖ ସମୁଦ୍ର ପତ୍ତନ ବଢେ ନାହିଁ । କିନ୍ତୁ ଆଣ୍ଟାର୍କଟିକାର ବିଶାଳ ସ୍ଥଳୀୟ ବରଫ ଚାଦର ସମୁଦ୍ରକୁ ପ୍ରବେଶ କଲେ ବିଶ୍ୱର ସମୁଦ୍ର ପତ୍ତନ ଉପରେ ବଡ଼ ପ୍ରଭାବ ପଡ଼ିପାରେ ।

# ଅଖିଳେଶଙ୍କ ଦଳରେ ବିଜେପି ମନ୍ତ୍ରୀ

**ନୂଆଦିଲ୍ଲୀ,୩୦।୯(ଏଜେନ୍ସି):** ଉତ୍ତରପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବା ସହ ରାଜ୍ୟର ରାଜନୀତି ତେଜ ହୋଇଛି। ଏହି ମଧ୍ୟରେ ଏକ ଫଟୋକୁ ନେଇ ଚର୍ଚ୍ଚା ଜୋର ଧରିଛି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ଦଳର ରାଜ୍ୟସଭା ପ୍ରାର୍ଥୀ ଧନରାଜ ପରିମଳ ନଥୱାନୀଙ୍କ ସହ ଯୋଗୀ ଆଦିତ୍ୟନାଥ ସରକାରର କ୍ୟାବିନେଟ୍ ମନ୍ତ୍ରୀ ରାକେଶ ସଚାନ ଦେଖାଯାଇଛନ୍ତି ।ବୁଧବାର ସମାଜବାଦୀ ପାର୍ଟି ପକ୍ଷରୁ ରାଜ୍ୟସଭା ପାଇଁ ପ୍ରଫେସର ରାମଗୋପାଳ ଯାଦବ ଏବଂ ଧନରାଜ ପରିମଳ ନଥୱାନୀ ନାମାଙ୍କନ ଦାଖଲ କରିଛନ୍ତି। ନାମାଙ୍କନ ପରେ ନଥୱାନୀ ଅଖିଳେଶ ଯାଦବ ଓ ସମାଜବାଦୀ ପାର୍ଟି ବିଧାୟକମାନଙ୍କ ସହ ବିଧାନସଭା ଅଧ୍ୟକ୍ଷ ସତୀଶ ମହାନାଙ୍କୁ ଭେଟିଥିଲେ। ଏହି ସମୟର ଫଟୋରେ ଅଖିଳେଶ ଓ ସମାଜବାଦୀ ପାର୍ଟି ନେତାଙ୍କ ସହ ରାକେଶ ସଚାନ ମଧ୍ୟ ନଜର ଆସିଥିଲେ ।ଏହି ଫଟୋ ସାମ୍ନାକୁ ଆସିବା ପରେ ରାଜନୈତିକ ମହଲରେ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ସମାଜବାଦୀ ପାର୍ଟି ପ୍ରବକ୍ତାଙ୍କ ଅନୁସାରେ, ଯୋଗୀ ସରକାରର ମନ୍ତ୍ରୀ ରାକେଶ ସଚାନ ଅଖିଳେଶ ଯାଦବଙ୍କୁ ଭେଟିବା ପାଇଁ ବିଧାନସଭାକୁ ଆସିଥିଲେ। ଏହି ଘଟଣାକ୍ରମ ପରେ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂର ସମ୍ଭାବନା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ରାକେଶ ସଚାନ କ୍ରସ୍ ଭୋଟିଂ କରିବେ କିମ୍ବା ଦଳ ବଦଳ କରିବେ ବୋଲି କୌଣସି ନିଶ୍ଚିତ ଘୋଷଣା ହୋଇନାହିଁ। ଏହି ଆଲୋଚନାଗୁଡ଼ିକ ଏବେ ରାଜନୈତିକ ଅନୁମାନ ମଧ୍ୟରେ ସୀମିତ ରହିଛି ।ରାକେଶ ସଚାନ ପୂର୍ବରୁ ସମାଜବାଦୀ ପାର୍ଟିରୁ ଦୁଇଥର ବିଧାୟକ ଏବଂ ଥରେ ସାଂସଦ ହୋଇଥିଲେ। ପରେ ସେ ସମାଜବାଦୀ ପାର୍ଟି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ବିଜେପିରେ ସାମିଲ ହୋଇଥିଲେ। ବର୍ତ୍ତମାନ ସେ ଯୋଗୀ ସରକାରର କ୍ୟାବିନେଟ୍ ମନ୍ତ୍ରୀ ଅଛନ୍ତି। ଗତ କ୍ୟାବିନେଟ୍ ବିସ୍ତାର ସମୟରେ ସଚାନଙ୍କଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଫେରାଇ ନିଆଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ଏହା ପରେ ଦଳ ଭିତରେ ତାଙ୍କ ଅସନ୍ତୋଷକୁ ନେଇ ଖବର ଆସୁଛି । ଉତ୍ତରପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ଚାଲିଥିବା ରାଜନୈତିକ ଅଙ୍କକଷା ମଧ୍ୟରେ ସମାଜବାଦୀ ପାର୍ଟି ଦୁଇଜଣ ପ୍ରାର୍ଥୀ ଦେଇଛି। ଧନରାଜ ନଥୱାନୀଙ୍କ ପ୍ରାର୍ଥିତ୍ୱ ପରେ ନିର୍ବାଚନୀ ଗଣିତ ନେଇ ଚର୍ଚ୍ଚା ବଢ଼ିଛି। ସେ ରାଜ୍ୟସଭା ସାଂସଦ ପରିମଳ ନଥୱାନୀଙ୍କ ପୁଅ ଏବଂ ରିଲାଏନ୍ସ ଗ୍ରୁପ୍ ସହ ଜଡ଼ିତ ବ୍ୟବସାୟୀ ବୋଲି ରିପୋର୍ଟରେ ଉଲ୍ଲେଖ ଅଛି। ଏବେ ରାକେଶ ସଚାନଙ୍କ ଅଖିଳେଶ ଯାଦବ ଓ ସମାଜବାଦୀ ପାର୍ଟି ନେତାଙ୍କ ସହ ଫଟୋ ସାମ୍ନାକୁ ଆସିବା ପରେ ରାଜ୍ୟସଭା ନିର୍ବାଚନରେ ଆଗକୁ କି ନୂଆ ସମୀକରଣ ସୃଷ୍ଟି ହେବ, ତାହା ଉପରେ ରାଜନୈତିକ ମହଲର ନଜର ରହିଛି।



# ଟାଟା ଷ୍ଟିଲ୍ ଫାଉଣ୍ଡେସନର 'ଦୃଷ୍ଟି' ପ୍ରକଳ୍ପ ଅଧୀନରେ ଚକ୍ଷୁ ସ୍ୱାସ୍ଥ୍ୟ ସମ୍ପର୍କିତ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

କଳିଙ୍ଗନଗର,୩୦।୯: ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସଏଫ୍) ପକ୍ଷରୁ ଯାଜପୁର କଳିଙ୍ଗନଗରରେ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକଟି ଫାଉଣ୍ଡେସନର 'ଦୃଷ୍ଟି' ପ୍ରକଳ୍ପ ଅଧୀନରେ ଆୟୋଜିତ ହୋଇଥିଲା। ଏଥିରେ ବ୍ୟାପକ ଚକ୍ଷୁ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତୃଣମୂଳ ସ୍ତରରେ ଲୋକଙ୍କୁ ଉନ୍ନତ ତଥା ସୁଲଭ ଚକ୍ଷୁ ଚିକିତ୍ସା ସେବା ଯୋଗାଇଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥି ସହିତ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ଆଲୋଚନାରେ ଦାନଗଦୀ ଓ ସୁକିନ୍ଦା ବ୍ଲକର ପ୍ରମୁଖ ସରକାରୀ ଅଧିକାରୀମାନଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ଅଂଶୀଦାରମାନେ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ ।

ଚକ୍ଷୁ ରୋଗର ପ୍ରାଥମିକ ଚିହ୍ନଟ, ରେଫରାଲ୍ ବ୍ୟବସ୍ଥାର ସୁଦୃଢ଼ୀକରଣ, ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ଉପଯୁକ୍ତ ସମୟରେ ଉନ୍ନତ ଚକ୍ଷୁ ଚିକିତ୍ସା ସେବା ନିଶ୍ଚିତ କରିବା ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥି ସହିତ ସେବା ପ୍ରଦାନ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରିବା ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।




ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚ୍?ଓ) ଡାକ୍ତର ପ୍ରଣତିନୀ ନାୟକ, ଜିଲ୍ଲା ବରିଷ୍ଠ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ସ୍ନେହାଶିଷ ଦୀକ୍ଷିତ, ଦାନଗଦୀ ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ) ପ୍ରଦୀପ କୁମାର ସେଠୀ, ଯାଜପୁର ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ଟିମର ପ୍ରତିନିଧି, ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ର ପ୍ରତିନିଧି, ମରୁଫ୍ ହସ୍ପିଟାଲ ଚକ୍ଷୁ ଚିକିତ୍ସା ଟିମ୍ ଏବଂ କଳିଙ୍ଗନଗର ଟିଏସଏଫ୍ ଜନସ୍ୱାସ୍ଥ୍ୟ ଟିମର ଅଧିକାରୀମାନେ ଉପସ୍ଥିତ ଥିଲେ।

ବିଶେଷ କରି ଅବହେଳିତ ତଥା ଗ୍ରାମାଞ୍ଚଳର ଜନସାଧାରଣଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସରକାରୀ ଅନୁଷ୍ଠାନ, ଆଗ ଧାଡ଼ିର କର୍ମୀ ଏବଂ ବିକାଶ ଭାଗୀଦାରମାନଙ୍କ ମଧ୍ୟରେ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଏହି ସମନ୍ୱୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଚକ୍ଷୁ ସମସ୍ୟା ଥିବା ବ୍ୟକ୍ତିବିଶେଷ ଯେପରି ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ପାଇପାରିବେ, ସେଥିପାଇଁ ସ୍କ୍ରିନିଂ, ରେଫରାଲ୍ ଏବଂ ପରବର୍ତ୍ତୀ ଯତ୍ନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଉପସ୍ଥିତ ଅଂଶୀଦାରମାନେ ମତବ୍ୟକ୍ତ କରିଥିଲେ।

'ଦୃଷ୍ଟି' ପ୍ରକଳ୍ପ ଭଳି ପଦକ୍ଷେପ ମାଧ୍ୟମରେ ଟିଏସଏଫ୍ ସରକାରୀ ଅଂଶୀଦାର ଏବଂ ସ୍ଥାନୀୟ ସହଯୋଗୀମାନଙ୍କ ସହ ମିଶି ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଚକ୍ଷୁ ସ୍ୱାସ୍ଥ୍ୟ ସଚେତନତା, ସ୍କ୍ରିନିଂ ଏବଂ ଉପଯୁକ୍ତ ସେବା ପ୍ରଦାନ ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି । ଏହି ପଦକ୍ଷେପ ସମଗ୍ର ପ୍ରକଳ୍ପ ଅଞ୍ଚଳରେ ଅଧିକ ସକ୍ରିୟ ତଥା ସୁଲଭ ଚକ୍ଷୁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଗଠନ କରିବାରେ ସହାୟକ ହେବ।

## ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩୦।୯: ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ ସେପ୍ଟେମ୍ବର ୨୦୨୬ ମାସରେ ଅବସରଗ୍ରହଣ କରିଥିବା ୧୮ ଜଣ ରେଳ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାରତୀୟ ରେଳ ପ୍ରତି ସେମାନଙ୍କର ଦୀର୍ଘବର୍ଷର ନିଷ୍ଠାପୂର୍ଣ୍ଣ ଓ ମୂଲ୍ୟବାନ ସେବା ପାଇଁ ଏହି ଅବସରରେ ସେମାନଙ୍କୁ ସମ୍ମାନ ଜଣାଯାଇଥିଲା।ଅବସରଗ୍ରହଣ କରିଥିବା କର୍ମଚାରୀମାନେ ଇଞ୍ଜିନିୟରିଂ, ବାଣିଜ୍ୟ, ବିଦ୍ୟୁତ, ଯାନ୍ତ୍ରିକ, ପରିଚାଳନା ଏବଂ ସିଗନାଲ ଓ ଟେଲିକମ୍ୟୁନିକେସନ୍ ବିଭାଗ ସମେତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିଲେ।

ଚଳିତ ମାସରେ ଅବସରଗ୍ରହଣ କରିଥିବା କର୍ମଚାରୀମାନେ ହେଲେ— ଆକାଉଣ୍ଟସ୍ ବିଭାଗର ମଥା ଭେଙ୍କଟ ରମଣ ରାଓ; ଇଞ୍ଜିନିୟରିଂ ବିଭାଗର କିଶୋର ଚନ୍ଦ୍ର ମହାପାତ୍ର, ବିରଞ୍ଚି ନାରାୟଣ ଦାସ, ଦଣ୍ଡପାଣି ଏବଂ ବି. ସକଳି ପାତ୍ର; ବାଣିଜ୍ୟ ବିଭାଗର ଇତିଶ୍ରୀ ଦାସ, ଜେ. କ୍ରିଷ୍ଣା ରାଓ ଏବଂ ତ୍ରିଲୋଚନ ଦାସ; ବିଦ୍ୟୁତ ବିଭାଗର କେ. କାମେଶ୍ୱର ରାଓ ଏବଂ ହରମୋହନ ବେହେରା; ମେକାନିକାଲ୍ ବିଭାଗର ପ୍ରମିଳା ଜେନା ଏବଂ ବେଣୁଧର ବେହେରା; ଅପରେଟିଂ ବିଭାଗର ଦେବରାଜ ବେହେରା, କେ. ଏସ୍. ଭାସ୍କର, ଦୀନବନ୍ଧୁ ବେହେରା, ସର୍ବେଶ୍ୱର ଜେନା ଏବଂ ମହମ୍ମଦ କାଲୁ; ଏବଂ ସିଗନାଲ ଓ ଟେଲିକମ୍ୟୁନିକେସନ୍ ବିଭାଗର ଫାଲ୍ଗୁନୀ ମୁଖୋପାଧ୍ୟାୟ।

ଏହି ଅବସରରେ ଖୋର୍ଦ୍ଧାରୋଡ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍ଫ୍ରା) ଶ୍ରୀ ରାଜଧାରୀ ଯାଦବ ଅବସରଗ୍ରହଣ କରୁଥିବା କର୍ମଚାରୀମାନଙ୍କର ଦୀର୍ଘବର୍ଷର ସେବାକାଳୀନ ମୂଲ୍ୟବାନ ଅବଦାନକୁ ପ୍ରଶଂସା କରିବା ସହିତ ସେମାନଙ୍କର ସୁସ୍ଥ, ଶାନ୍ତିପୂର୍ଣ୍ଣ ଓ ସୁଖମୟ ଅବସର ଜୀବନ କାମନା କରିଥିଲେ। ଏଥିସହ ସେ ଅବସରଗ୍ରହଣ କରୁଥିବା କର୍ମଚାରୀମାନଙ୍କୁ ସାଇବର ଠକେଇ ଓ ଅନଲାଇନ୍ ଆର୍ଥିକ ଠକେଇ ପ୍ରତି ସତର୍କ ରହିବା ସହିତ ଅନଲାଇନ୍?ରେ ବ୍ୟକ୍ତିଗତ ତଥା ବ୍ୟାଙ୍କିଙ୍ଗ ସମ୍ବନ୍ଧୀୟ ସୂଚନା ଆଦାନ-ପ୍ରଦାନ ସମୟରେ ବିଶେଷ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ।

## ବାଲିପଡ଼ା ଅଙ୍ଗନୱାଡି କେନ୍ଦ୍ରରେ ଆଙ୍ଗନ କା ଉତ୍ସବ

ଭୁବନେଶ୍ୱର,୩୦।୯(ନି.ପ୍ର.): ଭୁବନେଶ୍ୱର ଗ୍ରାମାଞ୍ଚଳ ର କଲ୍ୟାଣପୁର ସେକ୍ଟର ର ବାଲିପଡ଼ା-୧ ଅଙ୍ଗନୱାଡି କେନ୍ଦ୍ରରେ ସରକାରଙ୍କ ତରଫରୁ ପାଳନ କରାଯାଇଥିବା ଆଙ୍ଗନ କା ଉତ୍ସବ ତିନିଦିନଧରି ଖୁବ ସୁନ୍ଦର ଭାବରେ ପାଳନ କରାଯାଇଛି। ପ୍ରଥମ ଦିନରେ ସିଡିପିଓ ଶ୍ରୀମତୀ ଶର୍ମିଷ୍ଠା ଚକ୍ରବର୍ତୀ ଉପସ୍ଥିତ ରହି ଉତ୍ସବ ଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ, ଦ୍ୱିତୀୟ ଦିନରେ ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ, ନାଚ, ଜେଜେମାଙ୍କ ଦ୍ୱାରା ଗପ ପେଡିଯୋଗିତା କରାଯାଇଥିଲା। ତୃତୀୟ ଦିନ ଜିଲ୍ଲାପରିଷଧ ଙ୍କ ପ୍ରତିନିଧି ନିର୍ମଳ ରାଉତ (ସମ୍ପାଦକ – ଭୁବନେଶ୍ୱର ବିଜେଡି)ଙ୍କ



କରକାମଳରେ ଉଦ୍ଯାପନ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ସାଗରୀକା ନାୟକ, ଆଶା କର୍ମୀ ବିନୋଦିନୀ ପଡ଼ିଆରୀ, ସାହାଯ୍ୟକାରିଣୀ କବିତା ପାତ୍ର ଏବଂ ସମସ୍ତ ଅଭିଭାବକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ବିଭିନ୍ନ ଫଳ ବକେଟ ଦ୍ୱାରା ସନମା ନିତ କରାଯାଇଥିଲା। ଶେଷରେ ତ୍ରିରଙ୍ଗା ଥାଳି ର ଖାଦ୍ୟ ସମସ୍ତଙ୍କୁ ବଣ୍ଟନ କରାଯାଇଥୁଲା।

## ଶ୍ରବଣ ଯନ୍ତ୍ର ବଣ୍ଟନ

ରାଜଗାଙ୍ଗପୁର,୩୦।୯: ରାଜଗାଙ୍ଗପୁର ବ୍ଲକ ସ୍ତରୀୟ ଶ୍ରବଣ ଯନ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ। ରାଜଗାଙ୍ଗପୁର ବ୍ଲକ ଅଫିସ ସଭାଗୃହ ଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ବାଗ ଙ୍କ ତତ୍ୱାବଧାନରେ ବ୍ଲକ ସ୍ତରୀୟ ଶ୍ରବଣ ଯନ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ୨୦୨୬/ ୨୦୨୭ ଅନୁଷ୍ଠିତ କରାଯାଇ



୨୫ ଜଣ ଶ୍ରବଣ ବାଧିକ ହିତାଧିକାରୀ ଙ୍କୁ ଡଃ ସୁଭଦ୍ରା ସାହୁ ଓ ଡଃ ମାନସ ରଞ୍ଜନ ଗଡତିଆ ଙ୍କ ଉପସ୍ଥିତି ରେ ଯାଞ୍ଚ କରାଯାଇ ଶ୍ରବଣ ଯନ୍ତ୍ର ବିତରଣ କରାଯାଇଥିଲା ଏହି ଅବସରରେ ଲାଇଗଂ ସରପଞ୍ଚ ରୋଶନୀ ତିର୍କୀ ଜୋରୁମାଲ ସମିତି ସଭ୍ୟ ଲାଲୁ ମିଞ୍ଜ ବ୍ଲକ ସାମାଜିକ ଅଧିକାରୀ ରାକେଶ ସାହୁ ସରଥ ମାଝୀ ଙ୍କ ସହ ବହୁ ଗ୍ରାମବାସୀ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ରାଜଗାଙ୍ଗପୁର ରୁ ଦେବବ୍ରତ ମିତ୍ର ଙ୍କ ରିପୋର୍ଟ।

## ପାରାଦ୍ୱୀପରେ ଅବକାରୀ ବିଭାଗର ବଡ଼ ଧରଣର ଚଢାଉ

ଜଗତସିଂହପୁର,୩୦।୯(ନି.ପ୍ର.): ପାରାଦ୍ୱୀପ ଅବକାରୀ ରେଞ୍ଜ ଓ ପାରାଦ୍ୱୀପ ଅବକାରୀ ଥାନା ପକ୍ଷରୁ ଆଜି ପୂର୍ବାହ୍ନରେ ପାରାଦ୍ୱୀପ ଲକ୍ ଥାନା ଅନ୍ତର୍ଗତ ନିମିଡି ଗ୍ରାମରେ ଚଢାଉ କରାଯାଇ ୧୨ କେଜି ଗଞ୍ଜେଇ ସହ ଗଞ୍ଜେଇ କାରବାର ରେ ବ୍ୟବହୃତ ୧ ଲକ୍ଷ ୧୬ ହଜାର ୨ ଶହ ଟଙ୍କାର ଅର୍ଥରାଶି ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି।

ଘଟଣାରୁ ପ୍ରକାଶ ଥାଉ କି ପାରାଦ୍ୱୀପ ଗଡ଼ ନିମିଡି ଗ୍ରାମର ସ୍ୱର୍ଗତ ଭୀମା ସ୍ୱାଇଁଙ୍କ ବଡପୁଅ ଆମ୍ବିଳ ସ୍ୱାଇଁ (୪୮) ଓ ସାନପୁଅ ଲୋକନାଥ ସ୍ୱାଇଁ (୪୬) ଗଞ୍ଜେଇ ବେପାରରେ ଲିପ୍ତଥିବାର ଏକ ଗୁଇନ୍ଦା ଖବରକୁ ଭିତ୍ତି କରି ପାରାଦ୍ୱୀପ ଅବକାରୀ ବିଭାଗର ମିଳିତ ଟିମ ପାରାଦ୍ୱୀପ ରେଞ୍ଜ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ନିମିଡି ଗ୍ରାମରେ ଚଢାଉ କରିଥିଲେ। ଅଭିଯୁକ୍ତ ଦୁଇ ଭାଇ ଗଞ୍ଜେଇ ଭର୍ତି ଜରିବସ୍ତା ସହ ଫେରାଇ ହେବାକୁ ଉଦ୍ୟମ ହେଉଥିବାବେଳେ ସେମାନଙ୍କୁ କାବୁ କରି ନେଇଥିଲେ। ଯାଞ୍ଚ ପରେ ସେମାନଙ୍କ ହେପାଜତରୁ ୧୨ କେଜି ଗଞ୍ଜେଇ, ନଗଦ ୧ ଲକ୍ଷ ୧୬ ହଜାର ୨ ଶହ ଟଙ୍କା ବରାମଦ ହୋଇଥିଲା। ଦୁଇ ଭାଇଙ୍କୁ ଏନ୍ଡି ପି ଏସ୍ ଆଇନ ୧୯୮୫ ଅନୁସାରେ ପାରାଦ୍ୱୀପ ଅବକାରୀ ରେଞ୍ଜ କେସ୍ ନଂ- ୪୩?୨୦୨୬-୨୭ ରେ ମାମଲା ରଜୁ କରାଯାଇ ଅତିରିକ୍ତ ଜିଲ୍ଲା ଶୈରାଜଜ କୁଜଙ୍ଗଙ୍କ ଅଦାଲତ କୁ ଚାଲଣ କରାଯାଇଥିବା ବେଳେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତ କୁ ପଠାଯାଇଛି। ଆଜିର ଏହି ଚଢାଉ ରେ ପାରାଦ୍ୱୀପ ଅବକାରୀ ଥାନାର ସବ୍ଇନ୍ସପେକ୍ଟର ଧର୍ମପଦ ଦାସ, ଏ ଏସ୍ ଆଇ ଗୟାଧର ସେଠୀ, କନଷ୍ଟେବଳ ମନୋରଞ୍ଜନ ଦାସ,



ଜୟଦେବ ପାତ୍ର, ସନ୍ତୋଷୀ ସାହୁ ପ୍ରମୁଖ ସାମିଲ ଥିଲେ।

ଏହି ଜବତ ଗଞ୍ଜେଇ ସହ ଆନ୍ତଃଜିଲ୍ଲା ଗଞ୍ଜେଇ ଚାଲାଣ ସଂଯୋଗ ଥିବାର ଅନୁସନ୍ଧାନ କରିବା ରେ ଅଭିଯୁକ୍ତମାନଙ୍କୁ ଅଧିକ ପଚରା ଉଚୁରା ପାଇଁ ରିମାଣ୍ଡରେ ଆଣିବା ପାଇଁ ଅବକାରୀ ଟିମ୍ ଆବେଦନ କରିବ ବୋଲି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ପ୍ରକାଶ କରିଛନ୍ତି।

## ରାଜଗାଙ୍ଗପୁର ପୋଲିସକୁ ମିଳିଲା ବଡ଼ ସଫଳତା

ରାଜଗାଙ୍ଗପୁର,୩୦।୯: ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ଙ୍କ ସୁଚନା ମୁତାବକ ଚଳିତ ମାସ ୨୮ ତାରିଖ ଭୋର୍ ସମୟରେ ରାତ୍ରୀ ପେଟ୍ରୋଲିଗଂ କରୁଥିବା ରାଜଗାଙ୍ଗପୁର ପୋଲିସ ଟିମ ଭାଟି ନଦୀ ନିକଟରେ ଭଗତଟୋଲା ଅଞ୍ଚଳ ର ସହର ରେ ଡକାୟତି ପାଇଁ ପ୍ରସ୍ତୁତି କରୁଥିବା ସମୟରେ ସୁଜିତ ଭେଗ୍ରାଂ ସିଣ୍ଟୁ ସାହୁ ବଳଦେବ ନାଗ ଭୁଜଗଂ କୁମାର ପାତ୍ର ଚିଣ୍ଟୁ ମାସାନ ଆଜାଦ ନାଗ ନାମକ ଛ ଜଣ କୁଖ୍ୟାତ ପେଶାଦାର ଡକାୟତ ଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲେ ଘଟଣା ସ୍ଥଳରୁ ଜଣେ ଅପରାଧୀ ଫେରାର ହୋଇଥିବା ତଦନ୍ତ ଜାରି ରହିଛି ।ଗିରଫ ସମୟରେ ସେମାନଙ୍କ ନିକଟରୁ ଚାରୋଟି ଧାରୁଆ ଲୁହା ଛୁରୀ



ପାଞ୍ଚଟି ଗାମୁଛା ଗୋଟିଏ ନଂ ବିହୀନ ଦୁଇ ଚକିଆ ଗାଡି ଦୁଇ ପେକେଟ ଲଙ୍କା ଗୁଣ୍ଡ ଜବତ କରାଯାଇ ବି ଏନ ଏସ ଧାରା ୩୧୦(୪) ୩୧୦(୫) ରେ ମାମଲା ରୁଜୁ କରି ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ତଥା ସେମାନଙ୍କ ନାମରେ ପୁର୍ବରୁ ଡକାୟତି ଛିନତାଇ ଚୋରି ଘରଭଗାଂ ଚୋରି ଓ ବିଭିନ୍ନ ଅପରାଧିକ ମାମଲା ଥିବା ଓ ଆଗକୁ ତଦନ୍ତ ଜାରି ରହିଥିବା ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ସୁଚନା ଦେଇଥିଲେ ?। ଉକ୍ତ ଖବର ରାଜଗାଙ୍ଗପୁର ଓ ଆଖପାଖ ଅଞ୍ଚଳ ରେ ଚର୍ଚ୍ଚା ର କେନ୍ଦ୍ରବିନ୍ଦୁ ପାଲଟିଛି।

## ସୋଆ ଆଇନ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର, ୩୦/୦୯ : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସୋଆ ନ୍ୟାସ୍ନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍ଏନ୍ଆଇଏଲ)ରୁ ଆଇନ୍ ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ବୁଧବାର ଏକ ସ୍ୱତନ୍ତ୍ର ଗ୍ରାଜୁଏସନ୍ ଉତ୍ସବ ଆୟୋଜିତ ହୋଇଯାଇଛି। ୨୦୨୧ -୨୬ ବ୍ୟାଚର ବିଏଏଲ୍ଏଲ୍ବି (ଅନର୍ସ) ଓ ବିବିଏ ଏଲ୍ଏଲ୍ବି (ଅନର୍ସ), ୨୦୨୩-୨୬ ବ୍ୟାଚର ଏଲ୍ଏଲ୍ବି (ଅନର୍ସ) ଏବଂ ୨୦୨୫-୨୬ ବ୍ୟାଚର ଏଲ. ଏଲ.ଏମ୍ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି।

ଏଥିରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ଶପଥ ପାଠ କରାଇଥିଲେ। ଏହି ଅବସରରେ କୁଳପତି ପ୍ରଫେସର ନନ୍ଦ ଆଇନ୍ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ନ୍ୟାସ୍ନାଲ୍ ଇନ୍ଷ୍ଟିଚ୍ୟୁସ୍ନାଲ୍ ର୍ୟାଙ୍କିଙ୍ଗ ଫ୍ରେମୱାର୍କ (ଏନ୍ଆଇଆର୍ଏଫ୍) ଅନୁଯାୟୀ ସେମାନେ ଦେଶର ୧୦ମ ଶ୍ରେଷ୍ଠ ଆଇନ ଶିକ୍ଷାନୁଷ୍ଠାନ ଓ ୧୫ ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାର ସୁଯୋଗ ପାଇଛନ୍ତି। ତେଣୁ ସୋଆର ମାନକୁ ଊର୍ଦ୍ଧ୍ୱକୁ ନେବା ନିମନ୍ତେ ସେମାନେ ନିଶ୍ଚୟ ଉଦ୍ୟମ କରିବେ ବୋଲି ସେ କହିଥିଲେ।

ସେ କହିଥିଲେ ଯେ ଛାତ୍ରଛାତ୍ରୀମାନେ ଯେଉଁଠାକୁ ଯିବେ ସେଠାରେ ସେମାନଙ୍କ ସହ ବିଶ୍ୱବିଦ୍ୟାଳୟର ନାମ ଓ ଲୋଗୋ ଜଡିତ ରହିବ। ନିଜର କର୍ମକ୍ଷେତ୍ରରେ ସେମାନଙ୍କ ପ୍ରଦର୍ଶନ ଓ ଆଚରଣ ବିଶ୍ୱବିଦ୍ୟାଳୟର ସୁନାମକୁ ପ୍ରତିଷ୍ଠା କରିବ। ତେଣୁ ବିଶ୍ୱବିଦ୍ୟାଳୟ, ଅଭିଭାବକ ଓ ଅଧ୍ୟାପକମାନଙ୍କ ପ୍ରତି କୃତଜ୍ଞ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ତାଳପତ୍ର କୁଡ଼ିଆରେ ବିଧବା ମା ସହ ଦୁଇ ଝିଅ ପୁଅଙ୍କ ଜୀବନ

### ମିଳୁନି ବିଧବା ଭତ୍ତା, ନା ଅଛି ବାସଗୃହ ନା ଅଛି ରେସନ କାର୍ଡ

ଗଞ୍ଜାମ,୩୦।୯: ଗଞ୍ଜାମ ବ୍ଲକ ଖଣ୍ଡଦେଉଳୀ ପଞ୍ଚାୟତର ଖଣ୍ଡ ଦେଉଳୀ ଗ୍ରାମର ବିଧବା ମହିଳା ଏସ ରୀନା କ୍ଷ ପରିବାର କହିଲେ ପୁଅ ଓ ଝିଅ । ସ୍ୱାମୀ ଏସ ବୁଲୁ ଟ୍ରାକ୍ଟର ଚାଳକ ଭାବେ କାର୍ଯ୍ୟ କରୁଥିଲେ କ୍ଷ ଛଅ ବର୍ଷ ତଳେ ଟ୍ରାକ୍ଟର ଓଲଟି ପଡିବାରୁ ଟ୍ରାକ୍ଟରରେ ଚାପି ହୋଇ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ ବୁଲୁ କ୍ଷ ସ୍ୱାମୀଙ୍କ ଅକାଳ ମୃତ୍ୟୁ ଏବଂ ଶାଶୁ ଘର ଲୋକେ ଘରୁ ବାହାର କରିଦେବା ପରେ ରୀନା ବେସାହାରା ହୋଇ ପଡ଼ିଥିଲେ ।

ସେହି ଦିନ ଠାରୁ ଖଣ୍ଡଦେଉଳୀ ପଞ୍ଚାୟତ ନିକଟସ୍ଥ ପୋଇରାଶି ପଞ୍ଚାୟତ ପାହାଡ଼ ପାର୍ଶ୍ୱରେ ତାଳପତ୍ରରେ ଏକ ଛୋଟିଆ କୁଡ଼ିଆ କରି ଦୁଇ ଝିଅ ପୁଅକୁ ଧରି ଦିନ କାଟୁଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ଘଟିବାର ଦୀର୍ଘ ଛଅ ବର୍ଷରୁ ଉର୍ଦ୍ଧ ବିତି ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା



ବିଧବା ଭତ୍ତା ମିଳି ପାରିନି । ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ ଏବଂ ରେସନ କାର୍ଡ ଟିଏ ମଧ୍ୟ ନାହିଁ । ପୁଅକୁ ୮ ବର୍ଷ ଓ ଝିଅକୁ ପାଞ୍ଚ ବର୍ଷ । ଅଭାବ ଅନଟନ ଯୋଗୁଁ ପୁଅକୁ ପାଠ ପଢେଇବାକୁ ମଧ୍ୟ ଅସମର୍ଥ । ରୀନାଙ୍କର ଆଧାର କାର୍ଡ ଥିଲେ ମଧ୍ୟ ପିଲାଙ୍କ ଆଧାର କାର୍ଡ ନଥିବାରୁ ସ୍କୁଲରେ ଜୈନିଙ୍ଗ କରି ପାରୁନାହାନ୍ତି । ଏଭଳି ପରିସ୍ଥିତିରେ ରୀନା ରହୁଥିବା ଖବର ପାଇ ଗଞ୍ଜାମ ସହର ଯୁବ ସ୍ୱେଚ୍ଛାସେବୀ ତଥା ଏନଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ ଅସହାୟ ରୀନାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି । ବୁଧବାର ଅପୂର୍ବା ଫାଉଣ୍ଡେସନ ମୁଖ୍ୟ ଉପଦେଷ୍ଟା ତଥା ଯୁବ ବିଜେଡି ସଭାପତି ପାଢ଼ୀ ରୀନା ରହୁଥିବା ଅଞ୍ଚଳ ଯାଇ ଆର୍ଥିକ ସହାୟତା ସହ କିଛି ରାଇସନ ସାମଗ୍ରୀ ପ୍ରଦାନ କରିଥିବା ଜଣା ପଡିଛି। ଏଥିସହ ରୀନାଙ୍କ ଅସହାୟ ବିଷୟରେ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀଙ୍କଦୃଷ୍ଟି ଆକର୍ଷଣ କରିଛନ୍ତି କ୍ଷ ସହାୟତା ବେଳେ ଅପୂର୍ବା ଫାଉଣ୍ଡେସନ ସଭାପତି ପ୍ରଭାତ କୁମାର ସାହୁ, ସାମାଜିକ କର୍ମୀ ଉମା ଶଙ୍କର ମାହାନ୍ତି, ବିଜେଡି ଯୁବ ନେତା ମନୋଜ ପ୍ରଧାନ, ଗୋବିନ୍ଦ ଗୌଡ଼, ବିଭୁତି ଭୂଷଣ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

## ରାୟଗଡ଼ା ଡିଭିଜନରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ନିୟନ୍ତ୍ରଣ

ଭୁବନେଶ୍ୱର,୩୦।୯: ପୂର୍ବ ତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍?କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ।

ବାତିଲ ହୋଇଥିବା ଟ୍ରେନ୍- ନିମ୍ନଲିଖିତ ଟ୍ରେନ୍?ଗୁଡ଼ିକ ବାତିଲ ରହିବ: ୧ ଏବଂ ୨ ଅକ୍ଟୋବର ୨୦୨୬ରେ ଟ୍ରେନ୍ ନଂ. ୧୮୧୦୭ ରାଉରକେଲା–ଜଗଦଲପୁର ଏକ୍ସପ୍ରେସ୍। ୨ ଏବଂ ୩ ଅକ୍ଟୋବର ୨୦୨୬ରେ:ଟ୍ରେନ୍ ନଂ. ୫୮୫୦୨ କିରଣ୍ଡୁଲ–ବିଶାଖାପାଟଣା ପାସେଞ୍ଜର୍, ଟ୍ରେନ୍ ନଂ. ୫୮୫୦୧ ବିଶାଖାପାଟଣା–କିରଣ୍ଡୁଲ ପାସେଞ୍ଜର୍, ଟ୍ରେନ୍ ନଂ. ୧୮୫୧୬ କିରଣ୍ଡୁଲ–ବିଶାଖାପାଟଣା ଏକ୍ସପ୍ରେସ୍, ଟ୍ରେନ୍ ନଂ. ୧୮୫୧୫ ବିଶାଖାପାଟଣା–କିରଣ୍ଡୁଲ ଏକ୍ସପ୍ରେସ୍, ଟ୍ରେନ୍ ନଂ. ୧୮୧୦୮ ଜଗଦଲପୁର–ରାଉରକେଲା ଏକ୍ସପ୍ରେସ୍ ଓ କୋରାପୁଟଠାରେ ଯାତ୍ରା ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ।

ଟ୍ରେନ୍ ନଂ. ୧୮୦୦୫ ହାଓ୍ୱଡ଼ା–ଜଗଦଲପୁର ଏକ୍ସପ୍ରେସ୍, ଯାହା ୩୦ ସେପ୍ଟେମ୍ବର ଏବଂ ୧ ଅକ୍ଟୋବର ୨୦୨୬ରେ ହାଓ୍ୱଡ଼ାରୁ ଯାତ୍ରା ଆରମ୍ଭ କରିଛି, ଏହାର ଯାତ୍ରା କୋରାପୁଟଠାରେ ସମାପ୍ତ ହେବ। କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍?ର ସେବା ବାତିଲ ରହିବ।

ସେହିଭଳି ଟ୍ରେନ୍ ନଂ. ୧୮୦୦୬ ଜଗଦଲପୁର–ହାଓ୍ୱଡ଼ା ଏକ୍ସପ୍ରେସ୍, ଯାହା ୨ ଏବଂ ୩ ଅକ୍ଟୋବର ୨୦୨୬ରେ ଜଗଦଲପୁର ପରିବର୍ତ୍ତ? ଏହା କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍?ର ସେବା ବାତିଲ ରହିବ।

ଟ୍ରେନ୍ ନଂ. ୧୮୪୪୭ ଭୁବନେଶ୍ୱର–ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍, ଯାହା ୧ ଏବଂ ୨ ଅକ୍ଟୋବର ୨୦୨୬ରେ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିବ, ଏହାର ଯାତ୍ରା କୋରାପୁଟଠାରେ ସମାପ୍ତ ହେବ। କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍?ର ସେବା ବାତିଲ ରହିବ।

ଟ୍ରେନ୍ ନଂ. ୧୮୪୪୮ ଜଗଦଲପୁର–ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍, ଯାହା ୨ ଏବଂ ୩ ଅକ୍ଟୋବର ୨୦୨୬ରେ ଜଗଦଲପୁର ପରିବର୍ତ୍ତ? ଏହା କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍?ର ସେବା ବାତିଲ ରହିବ।

ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ (ଘଞ୍ଜରଝ) କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

### ଟାଇମ୍ସ ହାୟର ଏଜୁକେସନ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍-୨୦୨୭

## କିଟ୍ ଭାରତର ୪ର୍ଥ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୩୦।୯: ଟାଇମ୍ସ ହାୟର ଏଜୁକେସନ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ -୨୦୨୭ରେ କିଟ୍ ବିଶ୍ୱବିଦ୍ୟାଳୟ ପୁଣିଥରେ ତା'ର ଉତ୍କର୍ଷତା ପ୍ରତିପାଦନ କରି ଭାରତର ସମସ୍ତ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ୪ର୍ଥ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଥିବା ବେଳେ ପୂର୍ବ ଭାରତର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି। ଟାଇମ୍ସ ହାୟର ଏଜୁକେସନ- ୨୦୨୭ ର୍ୟାଙ୍କିଙ୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ସମଗ୍ର ବିଶ୍ୱରେ ଉଲ୍ଲେଖନୀୟ ଭାବେ ୫୦୧+ ର୍ୟାଙ୍କରେ ଅଛି। ଏହି ର୍ୟାଙ୍କିଙ୍ଗରେ କିଟ୍ର ନିରନ୍ତର ଅଭିବୃଦ୍ଧି ସହିତ ଶିକ୍ଷାଦାନର ମାନ, ଗବେଷଣା, ଇଣ୍ଡଷ୍ଟ୍ରି ଏନଗେଜମେଣ୍ଟ ଏବଂ ଅନ୍ତର୍ଜାତୀୟ ଦୃଷ୍ଟିକୋଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପ୍ରତିଫଳିତ ହୋଇଛି। ଏହି ସଫଳତା କିଟ୍ ନେତୃତ୍ୱର ଦୂରଦୃଷ୍ଟି, ଅଧ୍ୟାପକ-ଅଧ୍ୟାପିକାଙ୍କ ନିଷ୍ଠା, ଗବେଷଣା କ୍ଷେତ୍ରରେ ସଫଳତା ଏବଂ ବିଶ୍ୱସ୍ତରରେ ଛାତ୍ରଛାତ୍ରୀଙ୍କ ଆକର୍ଷଣ ପ୍ରତିପାଦନ କରୁଛି।



ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ରାଜ୍ୟର ଏକ ବିଶ୍ୱବିଦ୍ୟାଳୟ ବିଶ୍ୱର ୫ଶହ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଉ ବୋଲି ପ୍ରତ୍ୟେକ ରାଜ୍ୟ ଆଶା ପୋଷଣ କରିଥାନ୍ତି। ଅନ୍ୟ ବିଶ୍ୱବିଦ୍ୟାଳୟ ତୁଳନାରେ କିଟ୍ ଅଳ୍ପ ବର୍ଷର ଏକ ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇବା ଆନନ୍ଦର ବିଷୟ। କିଟ୍ର ଏହି ସଫଳତା ବିଶେଷ କରି ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ସୂଚନାଯୋଗ୍ୟ, ଏହି ର୍ୟାଙ୍କିଙ୍ଗରେ ଭାରତର ୧୪୩ଟି ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ୧୧୮ ଦେଶର ମୋଟ ୨୨୯୭ଟି ବିଶ୍ୱବିଦ୍ୟାଳୟ ଏଥିରେ ଅଂଶ ଗ୍ରହଣ କରିଥିଲେ। ଟାଇମ୍ସ ହାୟର ଏଜୁକେସନ୍ ଶିକ୍ଷା ଓ ଗବେଷଣାର ମାନ, ଜ୍ଞାନର ଆଦାନ ପ୍ରଦାନ ଏବଂ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ମାପଦଣ୍ଡ ଆଧାରରେ ଏହି ର୍ୟାଙ୍କିଙ୍ଗ ପ୍ରଦାନ କରିଥାଏ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ